

ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରିପାରିବେ।
- ମଦନମୋହନ ମାଲବ୍ୟ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶିବାନନ୍ଦ ସେଣ୍ଟେନାରି ବାଳକ ଉଚ୍ଚ ବିଦ୍ୟାଳୟର ୩୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ, ବିଦ୍ୟାଳୟ ପରିସର, ଚିଦାନନ୍ଦ ବିହାର, ଖଣ୍ଡଗିରି, ପୂର୍ବାହ୍ନ ୧୦ଟା।
- ଦ୍ୱିତୀୟ ଆନ୍ତର୍ଜାତିକ ନୃତ୍ୟ କଂଗ୍ରେସ ଓ 'ନୃତ୍ୟ ନବୋଦୟ' ପ୍ରତିଭା ଉତ୍ସବ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟାରୁ ରାତି ୯ଟା ୩୦।
- ସାପ୍ତାହିକ ଖବରକାଗଜ ପ୍ରତିଜ୍ଞାର ଦଶମ ବାର୍ଷିକ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ଆଡ୍ ଆର୍ଟ୍ ଆଙ୍କନ ପକ୍ଷରୁ ଅନ୍ତର୍ଜାତୀୟ ପ୍ରବାସୀ ଦିବସ ପାଳନ, ହୋଟେଲ ସୂର୍ଯ୍ୟାଂଶ, କଳିଙ୍ଗ ହସ୍ପିଟାଲ ନିକଟ, ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ହସ୍ତଶିଳ୍ପ ତୋଷାଳି ମେଳା, ଜନତା ମଇଦାନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା ୩୦।
- ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୫୬ତମ ବାର୍ଷିକ ଉତ୍ସବ, ୟୁନିଟ-୪, ଅପରାହ୍ନ ୪ଟା।
- ଗାଇଡାନ୍ସ ଇଂଲିଶ ମିଡ଼ିୟମ ସ୍କୁଲର ୩୨ତମ ବାର୍ଷିକ ଉତ୍ସବ, ସ୍କୁଲ ପରିସର, ଡୁମୁଡୁମା, ଅପରାହ୍ନ ୪ଟା।
- ଗୁରୁକୁଳ ଗୀତାଞ୍ଜଳି ପକ୍ଷରୁ ସଙ୍ଗୀତ ମହୋତ୍ସବ 'ସ୍ୱରାର୍ଣ୍ଣବ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ଅନୁରାଗ', ସୂଚନା ଭବନ, ସନ୍ଧ୍ୟା ୬ଟା।

**କଟକ**

- ବାଲୁବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ, ଶହୀଦ ଭବନ, ଅପରାହ୍ନ ୫ଟା।
- ଆଡଭୋକେଟ ପ୍ରଫୁଲ୍ଲ କୁମାର ଧଳଙ୍କ ୨୧ତମ ବାର୍ଷିକୋତ୍ସବ, କନ୍‌ଭେନ୍‌ଶନ ହଲ୍, ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଶୁଭଚିନ୍ତନ ଓଡ଼ିଶା ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ବେଣୁପୁର ପଞ୍ଚାୟତ କାର୍ଯ୍ୟାଳୟ, ସକାଳ ୮ଟା ୩୦।

# ରିୟୁନିୟନ୍‌ରୁ ଲକ୍ଜୁରିୟସ୍ ଷ୍ଟେ'

## 'ମେରାଇନ୍ ଡ୍ରାଇଭ୍ ଇକୋ ରିଟ୍ରିଟ୍'

**ସସ୍ମିତା ପାଇକରାୟ**
**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)**

କାହାପାଇଁ ଏହା ବ୍ୟାଚ୍ ରିୟୁନିୟନ୍ ଲାଗି ଡେଷ୍ଟିନେଶନ ତ କାହାପାଇଁ ଲକ୍ଜୁରିୟସ୍ ହଲିଡେ' ଡେଷ୍ଟିନେଶନ। ଫେଭରାଇଟ୍ କପୁଲ୍ ଗୋଲ୍ ସେଲ୍‌ଫି ହେଉ କି ଚନ୍ଦ୍ରଭାଗାର ଧଳାବାଲିରେ ରାତି ବିତାଇବାର ନିଆରା ଅନୁଭୂତି। ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ପ୍ରଥମଥର ପାଇଁ ଆୟୋଜିତ ପୂର୍ବ ଭାରତର ପ୍ରଥମ 'ଗ୍ଲାମର୍ସ କ୍ୟାମ୍ପିଂ' ଉତ୍ସବ 'ମେରାଇନ୍ ଡ୍ରାଇଭ୍ ଇକୋ ରିଟ୍ରିଟ୍' ରାଜ୍ୟ ଏବଂ ଦେଶ ବାହାରୁ ଆସିଥିବା ପର୍ଯ୍ୟଟକଙ୍କ ପାଇଁ ଆଣିଦେଉଛି କିଛି ଏଭଳି ଅନୁଭୂତି। ବ୍ୟସ୍ତବହୁଳ ଜୀବନରୁ କିଛି ସମୟ କାଢ଼ି କୋଣାର୍କର ବିସ୍ତୀର୍ଣ୍ଣ ବେଳାଭୂମିରେ ନିଜ ବନ୍ଧୁ ପରିଜନଙ୍କ ସହ କିଛି ହାଲ୍‌କା ମୁହୂର୍ତ୍ତ ବିତାଇବାକୁ କାହିଁ କେତେ ଦୂରରୁ ଆସୁଛନ୍ତି ପର୍ଯ୍ୟଟକ। ସୁସ୍ୱାଦୁ ଖାଦ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ପାରାସେଲିଂ, ବାନାନା ରାଇଡ୍ ଓ ବିଚ୍ ଭଲିବଲ୍ ଭଳି ବିଭିନ୍ନ ପ୍ରକାର ଆଡ୍‌ଭେଞ୍ଚର୍ ଓ ୱାଟର୍ ସ୍ପୋର୍ଟସର ମଜା ଉଠାଉଛନ୍ତି ପର୍ଯ୍ୟଟକ। ଯୁବ, ବୟସ୍କ ତଥା ସବୁବର୍ଗର ପର୍ଯ୍ୟଟକଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି ଇକୋ-ରିଟ୍ରିଟ୍।

### ପର୍ଯ୍ୟଟକଙ୍କ ପସନ୍ଦ ଖାଣ୍ଟି ଓଡ଼ିଆ ଖାଦ୍ୟ

ଇକୋ ରିଟ୍ରିଟ୍ ପରିସରରେ ଅସ୍ଥାୟୀ ଭାବେ ନିର୍ମିତ ୪ ରେସ୍ତୋରାଁ ପାରମ୍ପରିକ ଓଡ଼ିଆ ଖାଦ୍ୟରୁ ଆରମ୍ଭ କରି ସମସ୍ତ ପ୍ରକାର ଦେଶୀ, ବିଦେଶୀ ଖାଦ୍ୟ ପରିବେଷଣ କରୁଛନ୍ତି। ରାଜ୍ୟ ତଥା ଦେଶ ବାହାରୁ ଆସିଥିବା ପର୍ଯ୍ୟଟକମାନଙ୍କ ପାଇଁ ଏଠାରେ କଣ୍ଟିନେଣ୍ଟାଲ, ଚାଇନିଜ୍, ଇଟାଲିଆନ୍‌ରୁ ଆରମ୍ଭ କରି ଭଳିକିଭଳି ଭାରତୀୟ ଖାଦ୍ୟ ଉପଲବ୍ଧ ଥିଲେ ମଧ୍ୟ ସମସ୍ତେ ପାରମ୍ପରିକ ଓଡ଼ିଆ ଖାଦ୍ୟର ମଜା ନେବାକୁ ଆଗ୍ରହ ଦେଖାଉଛନ୍ତି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ଏହା ପରିସରରେ ସ୍ୱତନ୍ତ୍ର ଷ୍ଟଲ୍ ଖୋଲାଯାଇଥିବାବେଳେ ଏଠାରେ ଉପଲବ୍ଧ ହେଉଛି ଏଣ୍ଡୁରି ପିଠା, ସ୍ୱାସ୍ଥ୍ୟ ପାଇଁ ହିତୋପଯୋଗୀ ମାଣ୍ଡିଆରେ ପ୍ରସ୍ତୁତ ସ୍ୱତନ୍ତ୍ର ପିଠା, ମହୁଲପିଠା ଓ ମଣ୍ଡାପିଠା। ଓଡ଼ିଆ ଏବଂ ଅଣଓଡ଼ିଆଙ୍କ ମଧ୍ୟରେ ଏହି ପିଠାର ଚାହିଦା ବେଶ୍ ଅଧିକ ଥିବାବେଳେ ବିଭିନ୍ନ ପ୍ରକାର ସମୁଦ୍ର ମାଛ ଏବଂ ଚିଲିକା ଚିଙ୍ଗୁଡ଼ି ଭଜାର ମଧ୍ୟ ଡିମାଣ୍ଡ ରହିଛି। ସେହିଭଳି ମେ'ଫେୟାର ସମେତ ଅନ୍ୟ ତାରକା ହୋଟେଲ ପକ୍ଷରୁ ଏଠାରେ ଇନ୍‌ଡୋର୍ ଏବଂ ଓପନ୍ ଏୟାର ରେସ୍ତୋରାଁ ରହିଥିବାବେଳେ ଏଠାରେ ମଧ୍ୟ ଗ୍ରାହକଙ୍କ ପସନ୍ଦ ମୁତାବକ ଖାଦ୍ୟ ପରଷାଯାଉଛି। ସ୍ୱତନ୍ତ୍ର ଡାଇନିଂ ହଲ୍‌ରେ କେହି କେହି ଏକାଠି ବସି ଖାଇବାକୁ ପସନ୍ଦ କରୁଛନ୍ତି ତ କେହି ନିରୋଳା ବେଳାଭୂମିର ହାଲ୍‌କା ହାଲ୍‌କା ପବନ ଓ ତାରକାଖଚିତ ଆକାଶ ତଳେ ବସି ରୋମାଣ୍ଟିକ୍ ଡିନର୍ କରିବାକୁ ପସନ୍ଦ କରୁଛନ୍ତି।

### ତାରକାଖଚିତ 'ମ୍ୟୁଜିକାଲ ନାଇଟ୍'

ୟୁଫୋରିଆରୁ ଆରମ୍ଭ କରି ଇଣ୍ଡିଆନ୍ ଓସେନ୍ ପର୍ଯ୍ୟନ୍ତ। ମାମେ ଖାନ୍‌ଙ୍କ ଠାରୁ ବେନୀ ଦୟାଲ୍‌ଙ୍କ ପର୍ଯ୍ୟନ୍ତ। ଇକୋ ରିଟ୍ରିଟ୍ ପରିସରରେ ଥିବା ସ୍ୱତନ୍ତ୍ର ଷ୍ଟେଜ୍‌ରେ ସନ୍ଧ୍ୟାର ଆକର୍ଷଣ ସାଜୁଛି ମନଛୁଆଁ ସାଂସ୍କୃତିକ କାର୍ଯ୍ୟକ୍ରମ। ବିଦେଶୀ ପର୍ଯ୍ୟଟକଙ୍କୁ ଓଡ଼ିଶାର ଲୋକକଳା ଓ ନୃତ୍ୟ, ସଙ୍ଗୀତର ଝଲକ ଦେବାକୁ ପ୍ରତି ସନ୍ଧ୍ୟାରେ ରାଜ୍ୟର ଖ୍ୟାତନାମା କଳାକାର ଏବଂ ଗ୍ରୁପ୍ ଦ୍ୱାରା ଓଡ଼ିଶୀ, ଗୋଟିପୁଅ ଭଳି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ସେହିଭଳି ପ୍ରତି ଶନିବାର ସନ୍ଧ୍ୟାରେ ସ୍ୱତନ୍ତ୍ର ମ୍ୟୁଜିକାଲ ନାଇଟ୍ ଓ କନସର୍ଟର ଆୟୋଜନ କରାଯାଉଛି। ଦେଶର ବଛା ବଛା ବ୍ୟାଣ୍ଡ ଏବଂ ଖ୍ୟାତନାମା କଣ୍ଠଶିଳ୍ପୀମାନେ ଲାଇଭ୍ ମ୍ୟୁଜିକ୍ ପରିବେଷଣ କରିବାର ବ୍ୟବସ୍ଥା ରହିଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଦେଶର ଏକ ପ୍ରମୁଖ ଲୋକପ୍ରିୟ ବ୍ୟାଣ୍ଡ 'ୟୁଫୋରିଆ' ଆକର୍ଷଣ ସାଜିଥିବାବେଳେ ଆସନ୍ତା ଶନିବାର ଅର୍ଥାତ୍ ୨୧ ତାରିଖରେ ବ୍ୟାଣ୍ଡ 'ଇଣ୍ଡିଆନ୍ ଓସେନ୍' ଲାଇଭ୍ ଶୋ' କରିବ। ଏହାପରେ ଖ୍ରୀଷ୍ଟମାସ୍ ଅବସରରେ ୨୫ ତାରିଖରେ ବଲିଉଡ୍‌ର ଲୋକପ୍ରିୟ ସୁଫି ଗାୟିକା ହର୍ଷଦୀପ୍ କୌର୍, ୩୦ରେ ମାମେ ଖାନ୍, ଜାନୁୟାରୀ ୪ରେ ବେନି ଦୟାଲ, ୧୧ରେ ପାପୋନ୍, ୧୮ରେ ଦିବ୍ୟ କୁମାର, ୨୩ରେ ସଲିମ ସୁଲେମାନ୍ ଏବଂ ୩୧ ତାରିଖ ଉଦ୍‌ଯାପନୀ ସନ୍ଧ୍ୟାରେ ଖୋଦ୍ ଓଡ଼ିଶା ମାଟିର ଖ୍ୟାତନାମା କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା ସଙ୍ଗୀତ ପରିବେଷଣ କରିବେ।





### ରିୟୁନିୟନ୍ ଡେଷ୍ଟିନେଶନ

ପୁରୁଣା ସ୍ମୃତି ପୁଣିଥରେ ଉଜ୍ଜୀବିତ ହୋଇଛି। କଲେଜ ବେଳର ଛୋଟ ଛୋଟ କଥାକୁ ମନେପକାଇ ଖଟି ଜମୁଛି। ପରସ୍ପର ସହ ବିତାଇଥିବା ପ୍ରତିଟି ମୁହୂର୍ତ୍ତ ଆଜି ପୁଣିଥରେ ଜୀବନ୍ତ ହୋଇଛି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଏନ୍‌ଆଇଟି), ରାଉରକେଲାର ୧୯୮୯ ବ୍ୟାଚ୍‌ର କିଛି ପୁରାତନ ଛାତ୍ରଙ୍କ ପାଇଁ ମେରାଇନ୍ ଡ୍ରାଇଭ୍ ଇକୋ ରିଟ୍ରିଟ୍ ପାଲଟିଥିଲା ଫେଭରାଇଟ୍ ରିୟୁନିୟନ୍ ଡେଷ୍ଟିନେଶନ୍। ରାଜ୍ୟ ଏବଂ ଦେଶ ବାହାରୁ ଆସିଥିବା ଏହି ପୁରାତନ ଛାତ୍ରମାନେ ଏନ୍‌ଆଇଟି ସମୟର ସେହି ପୁରୁଣା ସ୍ମୃତିକୁ ଚନ୍ଦ୍ରଭାଗା ବେଳାଭୂମିରେ ମନେପକାଇ ବେଶ୍ ହସଖୁସିରେ ସମୟ କାଟିଥିଲେ। କେବଳ ଏହି ଗ୍ରୁପ୍ ନୁହେଁ, ରାଜ୍ୟ ବାହାରୁ ଏଭଳି ଅନେକ ଗ୍ରୁପ୍ ଇକୋ ରିଟ୍ରିଟ୍‌କୁ ରିୟୁନିୟନ୍ ଡେଷ୍ଟିନେଶନ ଭାବେ ବାଛିଥିବାବେଳେ ସେମାନଙ୍କୁ ଆକର୍ଷଣୀୟ ପ୍ୟାକେଜ୍ ସହ ଗ୍ରୁପ୍ ବୁକିଂ ଅଫର୍ ଯୋଗାଇ ଦେଉଛି ରାଜ୍ୟ ପର୍ଯ୍ୟଟନ ବିଭାଗ। ନିଜ ସାଙ୍ଗସାଥୀଙ୍କ ସହ ସମୟ ବିତାଇ ହାଲ୍‌କା ମନରେ ଘରକୁ ଫେରିବାବେଳେ ଓଡ଼ିଶା ପର୍ଯ୍ୟଟନର ଏହି ପଦକ୍ଷେପକୁ ପ୍ରଶଂସା କରୁଛନ୍ତି ସବୁବର୍ଗର ପର୍ଯ୍ୟଟକ।

## ଯୋଡ଼ି ଶଙ୍ଖ ନାଦରେ କମ୍ପିଲା ବେଳାଭୂମି



**କୋଣାର୍କ,୧୭।୧୨(ଡି.ଏନ.ଏ.):** ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ କୋଣାର୍କ-ପୁରୀ ବେଳା ମାର୍ଗ ରାସ୍ତାର ସାହୁ ଖଣତାଠାରେ ଆୟୋଜିତ ମେରାଇନ ଡ୍ରାଇଭ ଇକୋ ରିଟ୍ରିଟ ଉତ୍ସବର ମଙ୍ଗଳବାର ଥିଲା ଚତୁର୍ଥ ସନ୍ଧ୍ୟା। ଆଜିର ଏହି ସନ୍ଧ୍ୟାରେ ଗଞ୍ଜାମ ଜିଲା ନରେନ୍ଦ୍ରପୁର ଅଞ୍ଚଳର ମା' ସମଲେଇ କଳାବିକାଶ କେନ୍ଦ୍ର ପକ୍ଷରୁ ଗୁରୁ ନିରଞ୍ଜନ ସାହୁ ଓ ସାଥୀ କଳାକାରମାନଙ୍କ ଦ୍ୱାରା ପରିବେଷିତ ଯୋଡି ଶଙ୍ଖ, ଧ୍ୱନି ନୃତ୍ୟରେ ବେଳାଭୂମି ପ୍ରକମ୍ପିତ ହୋଇଉଠିଥିଲା। ଏହାସହ ସମଗ୍ର ଅଞ୍ଚଳ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଥିଲା। ଏହାପରେ କଳାବିକାଶ କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ରଣପା ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଉତ୍କଳ ଡ୍ୟାନ୍ସ ଏକାଡେମୀର ଆରତି କର ଓ ସାଥୀ କଳାକାରମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲା ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଯେନା, ଶଶାଙ୍କ ଶେଖର ରଥ ଓ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ବାଲି ନୋଲିଆସାହି ବାସିନ୍ଦାଙ୍କ କ୍ୟାଣ୍ଡେଲ ଶୋଭାଯାତ୍ରା

**ପୁରୀ ଅଫିସ, ୧୭।୧୨:** ସମୁଦ୍ରକୂଳ ଥାନା ଅଧୀନ ବାଲି ନୋଲିଆସାହିର ଜଣେ ମହିଳାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିରେ ସ୍ୱାମୀଙ୍କ ସମ୍ପୃକ୍ତି ନେଇ ମହିଳାଙ୍କ ପରିବାର ଲୋକେ ଅଭିଯୋଗ କରିବାରୁ ପୋଲିସ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲଣ ପରେ ଜେଲ ହାଜତକୁ ପଠାଇଦେଇଛି। ତାଙ୍କ ସ୍ମୃତିରେ ମଙ୍ଗଳବାର ବାଲି ନୋଲିଆସାହିର ଶତାଧିକ ମହିଳା, ଯୁବକ, ସ୍ଥାନୀୟ ବାସିନ୍ଦା ସାହିରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ବେଳାଭୂମିରେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

## ସାଙ୍ଗ ସ୍ତ୍ରୀଙ୍କୁ ହତ୍ୟା ଘଟଣା, ଅଭିଯୁକ୍ତ ଗିରଫ

## ୧୦ ହଜାର ଟଙ୍କା ପାଇଁ କରିଥିଲେ ହତ୍ୟା

**ଗୋପ,୧୭।୧୨(ଡି.ଏନ.ଏ.):** ଗୋପ ଥାନାଞ୍ଚଳରେ ସାଙ୍ଗର ସ୍ତ୍ରୀଙ୍କୁ ହତ୍ୟା କରିବା ମାମଲାରେ ଫେରାର ଥିବା ଅଭିଯୁକ୍ତ ୫ ମାସ ପରେ ପୋଲିସ ହାତରେ ଧରାପଡ଼ିଛି। ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅଧୀନ ନାଗପୁର ଖରିଦା ସାହି ଗ୍ରାମର ଅକ୍ଷୟ ମାଣିକ। ୧୦ହଜାର ଟଙ୍କା ପାଇଁ ହତ୍ୟା କରିଥିବା ପୋଲିସକୁ କହିଛନ୍ତି। ସୂଚନାଯୋଗ୍ୟ, ଖରିଦାସାହି ଗ୍ରାମର ଭୋଳା କୁଣ୍ଡ ଓ ଅଭିଯୁକ୍ତ ଅକ୍ଷୟ ପରସ୍ପର ଦୁଇ ବନ୍ଧୁ ଅଟନ୍ତି। ଗତ ଜୁନ ୨୬ତାରିଖ ରାତିରେ ଭୋଳାଙ୍କ ସ୍ତ୍ରୀ ଭାରତୀ(୨୮) ନିଜ ଘରେ ଶୋଇଥିବାବେଳେ ଭୋଳା କହିବା ଅନୁସାରେ ଅକ୍ଷୟ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ.୮୪/୧୯ରେ ଏକ ମାମଲା ରୁଜୁ କରି ସ୍ୱାମୀ ଭୋଳାଙ୍କୁ ଗିରଫ କରିଥିବାବେଳେ ଅକ୍ଷୟ ଫେରାର ହୋଇଯାଇଥିଲେ। ତେବେ ଗୋପ ଥାନା ଅଧିକାରୀ ସୁଧୀର କୁମାର ସାହୁ କୌଣସିସୂତ୍ରରୁ ଅକ୍ଷୟ ଖୋର୍ଦ୍ଧା ଅଞ୍ଚଳର ମୁକ୍ତାପୁର ଗ୍ରାମରେ ଥିବା ଜାଣି ସୋମବାର ବିଳମ୍ବିତ ରାତିରେ ଚଢ଼ାଉ କରି ଧରିବା ସହ ଗୋପକୁ ଆଣିଥିଲେ। ମଙ୍ଗଳବାର ଥାନାଧିକାରୀ ସାହୁ ଅଭିଯୁକ୍ତଙ୍କୁ ଏହି ହତ୍ୟାକାଣ୍ଡ ସମ୍ପର୍କରେ ପଚାରିବାରେ ଅର୍ଥ ଲୋଭରେ ମାରିଥିବା ସ୍ୱୀକାର କରିଥିଲେ।

## ନବ ଉତ୍କଳର ନିର୍ମାତା ଥିଲେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ




ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଉତ୍ସବରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର, ୧୭।୧୨ (ବ୍ୟୁରୋ)**

ନବ ଉତ୍କଳର ନିର୍ମାତା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ କେବଳ ଓଡିଶାର ନୁହେଁ, ସମଗ୍ର ଭାରତ ବର୍ଷ ପାଇଁ ଗୁଣଗ୍ରାହୀ ବ୍ୟକ୍ତିତ୍ୱ ଥିଲେ। ଓଡିଆ, ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା, ରାଜ୍ୟ ତଥା ଦେଶ ପାଇଁ ତାଙ୍କର ଅତୁଳନୀୟ ଅବଦାନ ଥିଲା ବୋଲି ମଙ୍ଗଳବାର ୧୪୯ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ବକ୍ତାମାନେ ମତପ୍ରକାଶ କରିଛନ୍ତି।

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ସୂଚନା ଭବନଠାରେ ଏହି ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ କହିଲେ, ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି। ଏହି ଭାଷା ଓ ସାହିତ୍ୟକୁ ବଞ୍ଚାଇ ରଖି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଯେଉଁମାନଙ୍କର ଯୋଗଦାନ ରହିଥିଲା, ସେମାନଙ୍କ ମଧ୍ୟରେ ମୟୂରଭଞ୍ଜ ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କ ଅବଦାନ ଯଥେଷ୍ଟ ଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଶିଳ୍ପ, ରେଳପଥର ବିକାଶ ଆଦି କ୍ଷେତ୍ରରେ ତାଙ୍କ କାର୍ଯ୍ୟଧାରା ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ଥିଲା। ତାଙ୍କ ସମ୍ପର୍କରେ ଛାତ୍ରୀଛାତ୍ରମାନେ ଅଧିକରୁ ଅଧିକ ଅଧ୍ୟୟନ କରିବା ଆବଶ୍ୟକ ବୋଲି ସେ କହିଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ଡ. ନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ସମ୍ପର୍କରେ କହିଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଆୟୋଜିତ ଓଡିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନା ଅଧିକାରୀ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା ଓ ମୟୂରଭଞ୍ଜ ସାଂସ୍କୃତିକ ସଂସଦ ସମ୍ପାଦକ ଡ.ରଜନୀକାନ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ସକାଳେ ପାୱାର ହାଉସ୍ ଛକସ୍ଥିତ ଶ୍ରୀରାମଚନ୍ଦ୍ରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ଆଜି ଛତିଶା ନିଯୋଗ ବୈଠକ

**ପୁରୀ ଅଫିସ, ୧୭।୧୨**

ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ ବୁଧବାର ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୧ଟାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ମକର ସଂକ୍ରାନ୍ତି, ସୂର୍ଯ୍ୟୋପରାଗ ଏବଂ ନୂଆବର୍ଷର ନୀତିକାନ୍ତି ସଂକ୍ରାନ୍ତରେ ଆଲୋଚନା ହେବ। ଶ୍ରୀମନ୍ଦିରରେ ଗତ ସୋମବାରଠାରୁ ପହିଲି ଭୋଗ ଆରମ୍ଭ ହୋଇଛି। ଏହା ମାସେ ପର୍ଯ୍ୟନ୍ତ ଚାଲିବ। ନୀତି ସବ୍‌କମିଟିରେ ପହିଲି ଭୋଗ ନୀତି ଚୂଡ଼ାନ୍ତ ହୋଇଥିଲେ ମଧ୍ୟ ଛତିଶା ନିଯୋଗ ବୈଠକରେ ଏହା ଉପରେ ଆଲୋଚନା କରାଯିବ। ଏହିସବୁ ସ୍ୱତନ୍ତ୍ର ଦିନଗୁଡ଼ିକରେ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା କିଭଳି ରହିବ, ଠିକ୍ ସମୟରେ ଠାକୁରଙ୍କ ନୀତିକାନ୍ତି ବିଷୟରେ ତର୍ଜମା କରାଯିବ। ସେହିପରି ଆସନ୍ତା ୨୬ ତାରିଖ ସୂର୍ଯ୍ୟୋପରାଗ ନୀତି ସଂକ୍ରାନ୍ତରେ ନୀତି ସବ୍ କମିଟିରେ ଆଲୋଚନା ହୋଇଥିଲେ ମଧ୍ୟ ଛତିଶା ନିଯୋଗ ଏବଂ ପରିଚାଳନା କମିଟିରେ ଏଥିରେ ମୋହର ଲଗାଯିବ। ସେହିପରି ନୂଆବର୍ଷରେ ଲକ୍ଷ ଲକ୍ଷ ଭକ୍ତ ଶ୍ରୀମନ୍ଦିରକୁ ଆସିବାକୁ ଥିବାରୁ ଠାକୁରଙ୍କ ନୀତିକାନ୍ତି ଏବଂ ଦର୍ଶନ ବ୍ୟବସ୍ଥା ଶୃଙ୍ଖଳା ନେଇ ତର୍ଜମା କରାଯିବ। ଏହିସବୁ ଦୃଷ୍ଟିକୋଣରୁ ଛତିଶା ନିଯୋଗ ବୈଠକ ବେଶ୍ ଗୁରୁତ୍ୱ ବହନ କରୁଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ଅର୍ଜୁନ



ପ୍ରଭୁକଲ୍ୟାଣ



ଚିକୁ



ବିଜୟ



ଶୁଭସ୍ମିତା



ରୁଦ୍ର

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ୬ ବର୍ଷ ପରେ ବଳାତ୍କାର ଅଭିଯୁକ୍ତ ଗିରଫ

**ଗୋପ,୧୭।୧୨(ଡି.ଏନ.ଏ.)**

ଗୋପ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର କରି ଫେରାର ଥିବା ଜଣେ ଯୁବକଙ୍କୁ ୬ବର୍ଷ ପରେ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବୟାଳିଶବାଟୀ ଗ୍ରାମର ଦାଶରଥି ନାୟକ (୩୦)। ସୂଚନାଯୋଗ୍ୟ, ୨୦୧୩ ମସିହା ଅଗଷ୍ଟରେ ଅଭିଯୁକ୍ତ ଦାଶରଥି ପୂର୍ବ ସମ୍ପର୍କକୁ ନେଇ ଗ୍ରାମର ଜଣେ ବିବାହିତା ମହିଳାଙ୍କ ଘରେ ପଶିଥିଲେ। ଏହି ମହିଳାଙ୍କ ସ୍ୱାମୀ ସେଠାରେ ପହଞ୍ଚିବାରୁ କୌଶଳକ୍ରମେ ଅଭିଯୁକ୍ତ ସେଠାରୁ ଖସି ପଳାଇଯାଇଥିଲେ। ଏ ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବାରୁ ପୋଲିସ ନଂ.୭୩/୧୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲେ। ପରେ କୌଣସି ସୂତ୍ରରୁ ଖବରପାଇ ଅଭିଯୁକ୍ତ ଦାଶରଥି ପୁରୀରେ ଥିବା ଜାଣି ଥାନା ଅଧିକାରୀ ତାଙ୍କୁ ଗିରଫ କରିଥିଲା।



ରାଗ, ଦ୍ୱେଷ, ଈର୍ଷା, ମନ ଭିତରେ ଥିଲେ
ପୂଜା ପାଠ, ଭଜନ କୀର୍ତ୍ତନ ନିରର୍ଥକ।
-ସନ୍ଥ ଏକନାଥ



## ସଂକ୍ଷେପରେ

### ଡ. କମଳ କୁମାରୀ ପଟ୍ଟନାୟକଙ୍କ ପରଲୋକ



**କଟକ ଅଫିସ, ୧୭।୧୨:** ପ୍ରଫେସର ଡ. କମଳ କୁମାରୀ ପଟ୍ଟନାୟକଙ୍କର ରାଷ୍ଟ୍ରଭାଷା ରୋଡସ୍ଥିତ ବାସଭବନରେ ମଙ୍ଗଳବାର ପରଲୋକ ଘଟିଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ସାମାଜିକକର୍ମୀ ଗିରିଜା ଭୂଷଣ ପଟ୍ଟନାୟକଙ୍କ ସହଧର୍ମିଣୀ ହୋଇଥିବାବେଳେ ଜର୍ଜ ପଟ୍ଟନାୟକ ଓ ବିଜୁ ପଟ୍ଟନାୟକଙ୍କ ଭାଣିଜୀ। ବିଜ୍ଞାନରେ ସେ ଥିଲେ ଓଡ଼ିଶାର ପ୍ରଥମ ଡକ୍ଟରେଟ। ୧୯୬୨ରେ ରେଭେନ୍ସା କଲେଜ ଉଦ୍ଭିଦ ବିଭାଗରେ ଅଧାପନା ଆରମ୍ଭ କରି ବିଭାଗର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇ ଥିଲେ। ସେ ଓଡ଼ିଶା ଲୋକସେବା ଆୟୋଗର ସଭ୍ୟ ଭାବେ ନିଯୁକ୍ତି ପାଇଥିଲେ। 'ବୃକ୍ଷଲତାର ଔଷଧ ଗୁଣ' ତାଙ୍କର ବହୁ ପ୍ରସାରିତ ପୁସ୍ତକ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ବୁଧବାର ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହେବ।ଏଥିରେ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ।

### ସ୍କୁଟି ଚକା ଫାଟି ଶିଶୁକନ୍ୟା ଆହତ

**ବାଲିଅନ୍ତା,୧୭।୧୨(ଡି.ଏନ.ଏ.):** ଭୁବନେଶ୍ୱର- କଟକ ରାସ୍ତାର ପାହାଲ ଛକ ନିକଟରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଏକ ସ୍କୁଟିର ପଛ ଚକ ଫାଟିଯିବାରୁ ବସିଥିବା ଜଣେ ୩ବର୍ଷର ଶିଶୁକନ୍ୟା ଆହତ ହୋଇଛନ୍ତି। ଖବରପାଇ ପାହାଲ ଫାଣ୍ଡି ପିସିଆର ଘଟଣାସ୍ଥଳରେ ପହଞ୍ଚି ଆହତ ଶିଶୁକୁ ପ୍ରଥମେ ମହିଧରପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରେ ପରେ କଟକ ବଡ଼ ମେଡିକାଲ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ନିଜ ଝିଅକୁ ନେଇ ସ୍କୁଟି ଯୋଗେ ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିଲେ। ପଛରେ ଝିଅଙ୍କ ମାଉସୀ ବସିଥିଲେ। ପାହାଲ ମିଠା ବଜାର ଆଗରେ ହଠାତ୍ ସ୍କୁଟିର ପଛଚକାଟି ଫାଟି ଯାଇଥିଲା। ଫଳରେ ମହିଳା ଜଣକ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ସ୍କୁଟି ଆଗରେ ଛିଡ଼ା ହୋଇଥିବା ଝିଅଟିର ମୁଣ୍ଡକୁ ମାଡ଼ ହୋଇଥିଲା।

### ଏଚ୍‌ଆଇଭି ଆକ୍ରାନ୍ତ ଗର୍ଭବତୀଙ୍କୁ ଚିକିତ୍ସାରେ ଅବହେଳା
### ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ):** ରାଇରଙ୍ଗପୁର ଅଞ୍ଚଳର ଏଚ୍‌ଆଇଭି ଆକ୍ରାନ୍ତ ହୋଇଥିବା ଜଣେ ଗର୍ଭବତୀଙ୍କୁ ଚିକିତ୍ସାରେ ଅବହେଳା ଓ ପରେ ଶିଶୁମୃତ୍ୟୁ ଘଟଣାରେ ମଙ୍ଗଳବାର ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ ହୋଇଛି। ରାଜ୍ୟ ସରକାର ଏହି ଘଟଣାର ତଦନ୍ତ କରି ମୃତକଙ୍କ ପରିବାର ଲୋକଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରାଯାଇଛି। ଏହି ଘଟଣାରେ ମୁଖ୍ୟ ଶାସନ ସଚିବ , ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ସଚିବ, ମହିଳା ଓ ଶିଶୁ ବିକାଶ ସଚିବ ଓ ସ୍ଥାନୀୟ ଜିଲାପାଳ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିବେଦନ କରାଯାଇଛି। ଏଥିସହ ଅବହେଳା ପ୍ରଦର୍ଶନ କରିଥିବା ମେଡିକାଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନ୍‌ଏଚ୍‌ଆରସିଙ୍କ ନିକଟରେ ମାନବାଧିକାର କର୍ମୀ ସୁଶାନ୍ତ କୁମାର ପାଢୀ ମଙ୍ଗଳବାର ଅଭିଯୋଗ କରିଛନ୍ତି।

### କୃଷକ ପ୍ରଶିକ୍ଷଣ ଶିବିର

**ବାରଙ୍ଗ,୧୭।୧୨(ଡି.ଏନ.ଏ.):** ମେଣ୍ଢାଶାଳ ଗ୍ରାମପଞ୍ଚାୟତ ସଭାଗୃହରେ ମଙ୍ଗଳବାର କୃଷକମାନଙ୍କର ଉନ୍ନତି ନିମନ୍ତେ କୃଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡଗିରି ସହ କୃଷି ଅଧିକାରୀ ରଶ୍ମିବାଳା ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଶିବିରରେ ଭୁବନେଶ୍ୱର ସହ କୃଷି ଅଧିକାରୀ ସବିତା ଦାସ, ଭିଏଲଡବ୍ଲୁ ସଂଘମିତ୍ରା ପଟ୍ଟନାୟକ, ସ୍ମିତିରଞ୍ଜନ ତ୍ରିପାଠୀ, ନମିତା ମହାପାତ୍ର, ନୀହାରିକ ମହାପାତ୍ର ପ୍ରମୁଖ ଯୋଗଦେଇ ପର୍ଯ୍ୟାୟଭିତ୍ତିକ ଚାଷ ଉପରେ ଗୁରୁତ୍ୱ ଦେବାକୁ କହିଲେ। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।

# ବିଏମ୍‌ସିରୁ ଗାଏବ୍ ହେଉଛି ଫାଇଲ

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)**

- ଆରଟିଆଇ ସୂଚନା ନ ଦେବା ମହଙ୍ଗା ପଡିଲା
- ସୂଚନା କମିଶନରଙ୍କ ନିକଟରେ ହାଜର ହେଲେ ବିଏମସି ଡେପୁଟି କମିଶନର
- ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟଙ୍କୁ କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରୁ ଗାଏବ୍ ହୋଇଯାଉଛି ଫାଇଲ୍। ଫଳରେ ସୂଚନା ଅଧିକାର ଆଇନରେ ମିଳିପାରୁନି ତଥ୍ୟ। ଘଟଣାକ୍ରମେ ଜଣେ କଣ୍ଟ୍ରାକ୍ଟରଙ୍କୁ ସୂଚନା ଦେଇ ନ ପାରି ହରଡଘଣାରେ ପଡିଛନ୍ତି ବିଏମସିର ଦୁଇ ଅଧିକାରୀ। ଡେପୁଟି କମିଶନର ତଥା ସୂଚନା ଅଧିକାରୀ(ପିଆଇଓ) ଶ୍ୟାମ ସୁନ୍ଦର ସେଠୀଙ୍କୁ ରାଜ୍ୟ ସୂଚନା ଅଧିକାର କମିଶନଙ୍କ ନିକଟରେ ମଙ୍ଗଳବାର ହାଜର ହେବାକୁ ପଡିଥିବାବେଳେ ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ ସନ୍ତୋଷ ପଟ୍ଟନାୟକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଫାଇଲ ନ ମିଳିଲେ ସମ୍ପୃକ୍ତ ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ତାଗିଦ କରାଯାଇଥିବା ବେଳେ ପିଆଇଓ ଫାଇଲ ସମ୍ପର୍କରେ ସୂଚନା ଦେବାକୁ କମିଶନଙ୍କ ନିକଟରେ ଅଣ୍ଡରଟେକିଂ ଲେଖି ଆସିଥିବା ଜଣାପଡିଛି।

୨୦୦୬ରେ ସମ୍ପୃକ୍ତ କଣ୍ଟ୍ରାକ୍ଟର ବିଏମ୍‌ସି ଅଞ୍ଚଳରେ ବୃକ୍ଷରୋପଣ ଟେଣ୍ଡର ନେଇଥିଲେ। ଏଥିପାଇଁ ବିଏମସିରେ ସିକ୍ୟୁରିଟି ଅର୍ଥ ଜମା ଦେଇଥିଲେ। ସେହି ଅର୍ଥ ଫେରସ୍ତ ହେବା କଥା। ୧୦ ବର୍ଷ ପରେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତି ନିଜର ସିକ୍ୟୁରିଟି ଡିପୋଜିଟକୁ ଫେରି ପାଇପାରିଲେ ନାହିଁ। ଶେଷରେ ବାଧହୋଇ ସେ ବିଏମ୍‌ସି ପିଆଇଓଙ୍କୁ ଆରଟିଆଇ ଜରିଆରେ ନିଜର ଫାଇଲ ସମ୍ପର୍କରେ ୨୦୧୫ ମେ ୧୩ରେ ସୂଚନା ମାଗିଥିଲେ। ତେବେ ତାଙ୍କୁ ଫାଇଲ ମିଳୁ ନ ଥିବା କହି ସୂଚନା ଦିଆଯାଇ ନ ଥିଲା। ଫାଇଲ ଏକ ପ୍ରକାର ଗାଏବ ହୋଇ ଯାଇଥିଲା। ଫଳରେ ସମ୍ପୃକ୍ତ ବ୍ୟକ୍ତି ପ୍ରଥମ ଆପିଲେଟ ଅଥରିଟି ନିକଟରେ ଅଭିଯୋଗ କରିଥିଲେ। ସେଠାରୁ କୌଣସି ଫଳ ନ ମିଳିବାରୁ ରାଜ୍ୟ ମୁଖ୍ୟ ସୂଚନା କମିଶନଙ୍କ କାର୍ଯ୍ୟାଳୟରେ ଏ ନେଇ ଆବେଦନ କରିଥିଲେ। କମିଶନଙ୍କ ନିର୍ଦ୍ଦେଶ ପରେ ମଙ୍ଗଳବାର ଡେପୁଟି କମିଶନର ତଥା ପିଆଇଓ ହାଜର ହୋଇଥିଲେ। ଏହାର ଶୁଣାଣି କରି ତୁରନ୍ତ ଆବେଦନକାରୀଙ୍କୁ ସୂଚନା ଦେବାକୁ ସୂଚନା କମିଶନର ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନଚେତ ଜରିମାନା ଅର୍ଥ ଭରଣା କରିବାକୁ ପଡିବ। ବହୁ ଖୋଜାଖୋଜି ପରେ ଫାଇଲ ମଙ୍ଗଳବାର ମିଳିଥିବା ପିଆଇଓ କହିଛନ୍ତି।

## ଟ୍ରାକ୍ଟରକୁ ପିଟିଲା ବସ୍ : ୩ ଆହତ

**ପୁରୁଣା ଭୁବନେଶ୍ୱର/ପିପିଲି, ୧୭। ୧୨ (ଡି.ଏନ.ଏ.)**

ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥର ଗୁଡ଼ିଆପୋଖରୀଠାରେ ମଙ୍ଗଳବାର ପୂର୍ବାହ୍ନ ସାଢେ ୯ଟାରେ ଏକ ଟ୍ରାକ୍ଟର ସହ ବସ ଧକ୍କା ହେବାରୁ ୩ ଯାତ୍ରୀ ଆହତ ହୋଇଛନ୍ତି। ଗୁଡିଆପୋଖରୀ ନିକଟ ଶିଉଳା ସିଡିଠାରେ ପୁରୀରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରୁଥିବା ବସ୍ (ନଂ. ଓଡ଼ି ୦୪ ଏଚ୍ ୦୦୮୪) ବାଇପାଶ୍ ବିପରୀତ ପାର୍ଶ୍ୱରୁ ଅସ୍ଥାୟୀ ଡିଭାଇଡରରେ ଟ୍ରାକ୍ଟର (ନଂ. ଓଡ଼ି ୦୨ ଏବି ୮୮୫୯) ଅତିକ୍ରମ କରୁଥିବାବେଳେ ଡାଲାକୁ ବସ୍ ଧକ୍କା ଦେଇଥିଲା। ଫଳରେ ଟ୍ରାକ୍ଟରର ଡାଲାଟି ଓଲଟି ପଡିଥିଲା। ୩ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିବା ଉତ୍ତରା ଫାଣ୍ଡି ଇନ୍‌ଚାର୍ଜ କହିଛନ୍ତି। ଘଟଣା ଘଟିବା ପରେ ଟ୍ରାକ୍ଟରଟି ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଡ୍ରାଇଭର ନିକଟସ୍ଥ ଇଟା ଫ୍ୟାକ୍ଟ୍ରିରେ ଗାଡି ରଖି ଫେରାର ହୋଇ ଯାଇଥିଲେ। ପୋଲିସ ତଲାସି ପରେ ଗାଡିକୁ ଠାବ କରିବା ସହ ଯାତ୍ରୀମାନଙ୍କୁ ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇ ଘଟଣାର ଅନୁସନ୍ଧାନ ଚଳାଇଛି।

## ଫନୀ ବିପନ୍ନଙ୍କୁ ନଡ଼ିଆ ଚାରା ବଣ୍ଟନ



ସଙ୍ଗଠନ ପକ୍ଷରୁ ଫନୀ ବିପନ୍ନଙ୍କୁ ନଡିଆ ଚାରା ଦିଆଯାଇଛି।

**ଭୁବନେଶ୍ୱର, ୧୭।୧୨ (ବ୍ୟୁରୋ)**

ଫନୀ ବାତ୍ୟାରେ ବୃତ୍ତି ହରାଇଥିବା ଚାଷୀମାନଙ୍କୁ ସେବା ଇଣ୍ଟରନ୍ୟାଶନାଲ ଓ ୟୁଥ୍ ଫର ସେବା ଭୁବନେଶ୍ୱର ସଂଗଠନ ପକ୍ଷରୁ ମଙ୍ଗଳବାର ନଡ଼ିଆ ଚାରା ବଣ୍ଟାଯାଇଛି। ମଙ୍ଗଳବାର ଏହାର ଚତୁର୍ଥ ପର୍ଯ୍ୟାୟରେ ନିମାପଡ଼ାର ୪ଟି ପଞ୍ଚାୟତରେ ଥିବା ୮ଟି ଗ୍ରାମରେ ଏହି ଚାରା ବଣ୍ଟାଯାଇଛି। ନଡ଼ିଆ ବେପାର ଉପରେ ନିର୍ଭର ଥିବା ଚାଷୀଙ୍କୁ ସେମାନଙ୍କ ବୃତ୍ତି ଫେରାଇବା ଉଦ୍ଦେଶ୍ୟରେ ଏହା ହୋଇଛି। କ୍ଷତିଗ୍ରସ୍ତ ଅଞ୍ଚଳଗୁଡ଼ିକରେ ଅନୁଷ୍ଠାନ ପକ୍ଷରୁ ସର୍ଭେ କରାଯିବା ପରେ ଏହି କାର୍ଯ୍ୟକ୍ରମ କରାଯାଉଛି। କାର୍ଯ୍ୟକ୍ରମରେ ୪୨୧ଟି ପରିବାରକୁ ୨ହଜାର ଚାରା ବଣ୍ଟାଯାଇଛି। କାର୍ଯ୍ୟକ୍ରମଟିକୁ ଅଭିଜିତ୍ ବେହେରା ସଞ୍ଚାଳନ କରିଥିଲେ।



ରବୀନ୍ଦ୍ରମଣ୍ଡପଠାରେ ମଙ୍ଗଳବାର 'ଗୁରୁକୁଳ ଗୀତାଞ୍ଜଳି' ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

## ■ ବ୍ୟାଖ୍ୟାୟନ କେନ୍ଦ୍ର ଉଚ୍ଛେଦ ସୁନିଶ୍ଚିତ
## ପର୍ଯ୍ୟଟନ ବିଭାଗର ରାତିଅଧିଆ ନିର୍ମାଣ ବନ୍ଦ

**ପୁରୁଣା ଭୁବନେଶ୍ୱର ,୧୭। ୧୨ (ଡି.ଏନ.ଏ.)**

ସାଧାରଣ ଟିକସ୍‌ଦାତାଙ୍କ ଅର୍ଥରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ନିର୍ମାଣଧୀନ ବ୍ୟାଖ୍ୟାୟନ କେନ୍ଦ୍ର ଉଚ୍ଛେଦ ହେବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଏଏସ୍‌ଆଇର ବିରୋଧ ସତ୍ତ୍ୱେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏପରି ଏକପାଖିଆ ନିଷ୍ପତ୍ତି କାରଣରୁ ଏହା ନିର୍ମାଣ ଚାଲୁ ରହିଥିଲା। ବାରମ୍ବାର ଅଭିଯୋଗ ତଥା ବିରୋଧ ପରେ ମଧ୍ୟ ଠିକାଦାରୀ ପ୍ରିତି କାରଣରୁ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟବନ୍ଦ ନେଇ କୌଣସି ଆଦେଶ ହସ୍ତଗତ ହୋଇ ନ ଥିବାରୁ ଏହା ଚାଲୁ ରହିବା ଜଣାଇଥିଲେ। ଶ୍ରୀଲିଙ୍ଗରାଜ ମନ୍ଦିରଠାରୁ ମାତ୍ର ୧୦ ମିଟର ବ୍ୟବଧାନରେ ଏହି ନିର୍ମାଣ କରାଯାଉଥିବା ଯୋଗୁ ଉଚ୍ଛେଦ ହେଲେ ସରକାରୀ ଅର୍ଥ ପାଣିରେ ପଡିବା ଆଶଙ୍କାରେ ସୋମବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକଙ୍କୁ ଏହା ତୁରନ୍ତ ବନ୍ଦ କରାଇବାକୁ ଦାବିପତ୍ର ଦିଆଯାଇଛି। ତଥାପି ସାଧାରଣ ଟିକସ୍‌ଦାତାଙ୍କ ଅର୍ଥରେ ନିର୍ମାଣଧୀନ ଏହି ବ୍ୟାଖ୍ୟାୟନ କେନ୍ଦ୍ରଟିକୁ ଉଚ୍ଛେଦ ପୂର୍ବରୁ ଏଥିରେ ଲାଗିଥିବା ଦାମୀ ଉପକରଣ ସହ ନୂତନ ସେଣ୍ଟ୍ରାଲ ଏୟାର କଣ୍ଡିସନିଙ୍ଗ ସିଷ୍ଟମ୍, ଟିଣ ଚାଦର ଆଦିକୁ ଅନ୍ୟତ୍ର ସ୍ଥାନାନ୍ତର କିମ୍ବା ସର୍ବସାଧାରଣରେ ନିଲାମ କରିବାକୁ ଦାବି କରାଯାଉଛି।

## ଆର୍ଯ୍ୟାଙ୍କ ରାଗ ଚନ୍ଦ୍ରକୋଷରେ ଶ୍ରୋତା ମନ୍ତ୍ରମୁଗ୍ଧ

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)**

**ସ୍ୱରାର୍ଣ୍ଣବ-୨୦୧୯**

ସାଂସ୍କୃତିକ ଅନୁଷ୍ଠାନ 'ଗୁରୁକୁଳ ଗୀତାଞ୍ଜଳି' ପକ୍ଷରୁ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା 'ସ୍ୱରାର୍ଣ୍ଣବ–୨୦୧୯' ମଙ୍ଗଳବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଅତିଥିଭାବେ ଭାରତୀୟ ବିଦ୍ୟାଭବନ ନିର୍ଦ୍ଦେଶକ ଡ. ଏସ୍.କେ. ତାମୋଟିଆ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ପ୍ରତିଭା ଅରୋଶିଷ୍ ପାଣି ଏବଂ ଶରଣ୍ୟା ମିଶ୍ରଙ୍କୁ ସମ୍ମାନିତ କରିଥିଲେ। ପରେ ଅନୁଷ୍ଠାନର ଗୁରୁ ଡ. ଚିତ୍ତରଞ୍ଜନ ପାଣିଙ୍କ ନିର୍ଦ୍ଦେଶନାରେ ସମସ୍ତ ଶିଷ୍ୟ ପ୍ରଶିକ୍ଷ୍ୟ ମାଲକଂସ ରାଗରେ ଧ୍ରୁପଦ ପରିବେଷଣ କରିଥିଲେ। ଏହାପରେ ଶ୍ୟାମ, ସୌମ୍ୟରଞ୍ଜନ, ସଂସ୍କାର, ମମତା, ଶ୍ରୀଜାତା ଓ ଜ୍ୟୋତିର୍ମୟୀ ପ୍ରମୁଖ ରାଗ ଭୂପାଳି ପରିବେଷଣ କରିଥିଲେ। ଆର୍ଯ୍ୟା ମିଶ୍ରଙ୍କ କଣ୍ଠରେ ରାଗ ଚନ୍ଦ୍ରକୋଷ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଡ. ଚିତ୍ତରଞ୍ଜନ ପାଣିଙ୍କ ସ୍ୱର ସଂଯୋଜନାରେ ସମବେତ କଣ୍ଠ ସଙ୍ଗୀତ 'ଆମେ ରାତ୍ରିର ଶେଷ ଉଷାର ଆଲୋକ' ସନ୍ଧ୍ୟାର ଶେଷ ଆକର୍ଷଣ ସାଜିଥିଲା। ତବଲାରେ ଗୁରୁ ରତ୍ନାକର ପୃଷ୍ଟି ସହଯୋଗ କରିଥିବାବେଳେ ସୀତାଂଶୁ ଷଡ଼ଙ୍ଗୀ ଏବଂ ଅଜୟ ଦାସ ହାରମୋନିୟମ୍‌ରେ ସହଯୋଗ କରିଥିଲେ। ଡ. ମମତା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏକାମ୍ର କ୍ଷେତ୍ର ସୌନ୍ଦର୍ଯ୍ୟକରଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ପୁରୁଣା ଭୁବନେଶ୍ୱର,୧୭। ୧୨(ଡି.ଏନ.ଏ.)**

ଏକାମ୍ର କ୍ଷେତ୍ର ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ତଥା ବିଶ୍ୱ ଏତିହ୍ୟ ମାନ୍ୟତା ନେଇ ବହୁମୁଖୀ ଯୋଜନାର ସଫଳ ରୂପାୟନ ଲାଗି ମଙ୍ଗଳବାର ବିଭିନ୍ନ ସାମାଜିକ ସଙ୍ଗଠନ, କ୍ଲବ, ସାଧାରଣ ଜନତା, ବ୍ୟବସାୟୀ ଏବଂ ବୁଦ୍ଧିଜୀବୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି। ଏହି ଯୋଜନା କାର୍ଯ୍ୟକାରୀ ହେଲେ ପର୍ଯ୍ୟଟନର ଦୃତ ବିକାଶ ହୋଇପାରିବ। ବିଶେଷ କରି ସେବାୟତ ଗୋଷ୍ଠୀଙ୍କର ଉପାର୍ଜନ ବୃଦ୍ଧି ପାଇବା ସହ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କର ଆଗମନ ବୃଦ୍ଧି ହେବ। ଏହି ଯୋଜନାରେ ଉଚ୍ଛେଦ ହୋଇଥିବା ସମସ୍ତଙ୍କୁ ଉପଯୁକ୍ତ ଥଇଥାନ କରିବା ତଥା ଆର୍ଥିକ ଅନୁଦାନ ବ୍ୟବସ୍ଥା କରିଥିବା ଯୋଗୁ ବହୁ ବ୍ୟବସାୟୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିଜର କୃତଜ୍ଞତା ଜ୍ଞାପନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କର ଏହି ପଦକ୍ଷେପକୁ ସମସ୍ତେ ସ୍ୱାଗତ କରିଥିଲେ। ବ୍ୟବସାୟୀଙ୍କ ମତରେ ସାଧାରଣ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଉଥିବା ସ୍ଥଳେ ପାପନାଶିନୀ ପରି ଐତିହ୍ୟ ନିକଟରେ କେତେଗୋଟି କ୍ୟାବିନ ଓ ପିଣ୍ଡି ଭାଙ୍ଗି ଅନ୍ୟ ପ୍ରତିପ୍ରତିଶାଳୀଙ୍କ ଦୋକାନ ଗୃହଗୁଡିକୁ ମିଳିତ ଉଚ୍ଛେଦ ଟିମ୍ ଜାଣିଶୁଣି ଛାଡି ଦେଇଛନ୍ତି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ନେତୃତ୍ୱରେ ପୁରୁଣା ଭୁବନେଶ୍ୱର ବ୍ୟବସାୟୀ ସଂଘ ଉପଦେଷ୍ଟା ରଞ୍ଜିତ ମହାପାତ୍ର, ସଭାପତି ଟୁଟୁ ପଣ୍ଡା, ସମ୍ପାଦକ ଅନୂପ ମହାପାତ୍ର, ସୁରେଶ ପୂଜାପଣ୍ଡା, ପ୍ରମୋଦ ମହାପାତ୍ର ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ କୃତଜ୍ଞତା ଜଣାଇଛନ୍ତି।

## ■ ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର
## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ପୁରୁଣା ଭୁବନେଶ୍ୱର/ପିପିଲି , ୧୭। ୧୨ (ଡି.ଏନ.ଏ.)**

ଉତ୍ତରାଫାଣ୍ଡି ଅଧୀନ ମଗଲପୁର ଚନ୍ଦନପୋଖରୀ ନିକଟରେ ଥିବା ଟୁବ ପୋଖରୀରୁ ମଙ୍ଗଳବାର ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ସ୍ଥାନୀୟ ମଙ୍ଗଳା ସାନସାହିର ନିଧିଆ ବେହେରା(୨୫)। ତାଙ୍କ ଦାଦା ତ୍ରିନାଥ ପିପିଲି ଥାନାରେ ପୁତୁରାଙ୍କୁ କେହି ମାରି ପୋଖରୀ ପକାଇ ଦେଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ନଂ. ୩୪୫/୧୯ରେ ମାମଲା ରୁଜୁ ହୋଇଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ନିଧିଆ ରବିବାର ସନ୍ଧ୍ୟାରେ ଏହି ପୋଖରୀର ହୁଡାରେ ଅନ୍ୟ ସାଙ୍ଗମାନଙ୍କ ସହ ଭୋଜି କରୁଥିଲେ। ତା' ପରଠାରୁ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ସେଠାରେ ତାଙ୍କର ଚପଲ ପଡିଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଅଞ୍ଚଳର ଯୁବକମାନେ ପୋଖରୀରେ ଖୋଜାଖୋଜି କରିବା ପରେ ତାଙ୍କର ମୃତଦେହ ଜବତ କରିଥିଲେ। ନିଧିଆ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ।

## ■ ବମିଖାଲ ଓଭରବ୍ରିଜ୍ ତଳେ ବ୍ରାଉନ ସୁଗାର ବେପାର ମାମଲା
## ମାଷ୍ଟରମାଇଣ୍ଡ୍ ସଞ୍ଜୀୟଙ୍କୁ ଧରିବାକୁ ଚଢ଼ାଉ ଜୋରଦାର

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)**

- ଲିଙ୍କ୍‌ରେ ଥିବା ୫ଜଣଙ୍କୁ ଉଠାଇ ନେଲା କ୍ୟୁଏଟି
- ଦୁଃଖିଆଙ୍କୁ ଧରି ଛାଡ଼ିଦେବାକୁ ନେଇ ସନ୍ଦେହ
- ବ୍ରାଉନସୁଗାର ସହ ଚାଲୁଥିଲା ମଦ, ଗଞ୍ଜେଇ ବେପାର

ଶହୀଦନଗର ଥାନା ଅନ୍ତର୍ଗତ ବମିଖାଲ ଓଭରବ୍ରିଜ ତଳେ ରେଲ୍‌ୱେ ଲେଭଲ କ୍ରସିଂ ନିକଟ ତାରିଣୀ ମନ୍ଦିରରେ ଦୀର୍ଘବର୍ଷ ହେବ ଚାଲୁଛି ବ୍ରାଉନସୁଗାର କାରବାର। ଏନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବାପରେ ପୋଲିସ ପକ୍ଷରୁ ଜୋର୍‌ଦାର ତନାଘନା ଆରମ୍ଭ ହୋଇଛି। ଗ୍ରାହକଙ୍କୁ ବ୍ରାଉନସୁଗାର ବିକୁଥିବା ତାରିଣୀ ମା'ଙ୍କୁ ପୋଲିସ ଉଠାଇ ନେଇ ପଚରାଉଚରା କରୁଛି। ତାଙ୍କ ବୟାନ ଆଧାରରେ ମାଷ୍ଟରମାଇଣ୍ଡ୍ ସଞ୍ଜୀୟଙ୍କୁ ଧରିବାକୁ ଚଢ଼ାଉ ଚାଲିଥିବାବେଳେ ତାରିଣୀ ମା'ଙ୍କୁ ଏହି କାର୍ଯ୍ୟରେ ଲଗାଇଥିବା ଦୁଃଖିଆ ନାମକ ଜଣେ ବ୍ୟକ୍ତିଙ୍କୁ ପୋଲିସ ଉଠାଇ ନେଇଥିଲା। ପଚରାଉଚରା ପରେ ଛାଡ଼ି ଦେଇଥିବାରୁ ପୋଲିସର କାର୍ଯ୍ୟଧାରାକୁ ନେଇ ସ୍ଥାନୀୟ ଲୋକେ ନାନା ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ବମିଖାଲ, ଜଟଣୀ ଓ ଖଣ୍ଡଗିରି ଅଞ୍ଚଳରୁ ଅନ୍ୟ ୫ଜଣଙ୍କୁ କ୍ୟୁଏଟି ଧରିନେଇଥିବା ସୂଚନା ମିଳିଛି।

ପୋଲିସକୁ ମିଳିଥିବା ତଥ୍ୟ ଅନୁସାରେ, ଦୁଃଖିଆ ନିଜ ଘରେ ବ୍ରାଉନସୁଗାର, ଗଞ୍ଜେଇ, ମଦ ଆଦି ନିଶାଦ୍ରବ୍ୟ ଲୁଚାଇ ରଖନ୍ତି। ଏଥିରେ ପରିବାର ସଦସ୍ୟ ସମ୍ପୃକ୍ତ ରହିଛନ୍ତି। ତାରିଣୀ ମା' ଗ୍ରାହକଙ୍କୁ ମନ୍ଦିର ନିକଟରେ ଛିଡ଼ାକରି ଉକ୍ତ ଘରକୁ ଯାଇ ନିଶାଦ୍ରବ୍ୟ ଆଣି ବିକିଥାନ୍ତି। ମାଷ୍ଟରମାଇଣ୍ଡ ସଞ୍ଜୀୟ ବାଲେଶ୍ୱରର ଜଳେଶ୍ୱରରୁ ବ୍ରାଉନସୁଗାର ଯୋଗାଇଥାନ୍ତି। ଏପରିକି ସେ ବହୁ ଗରିବ ଯୁବକ ଓ ମହିଳାଙ୍କୁ ମାସିକ ଏବଂ କମିଶନ ଦେଇ ଏହି ବେଆଇନ କାର୍ଯ୍ୟରେ ନିୟୋଜିତ କରିଥିବା ପୋଲିସ ଜାଣିବାକୁ ପାଇଛି। ତାଙ୍କୁ ଧରିବା ପାଇଁ ପୋଲିସ ଏକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ କରୁଛି। ଭାଇରାଲ ହୋଇଥିବା ଭିଡିଓରେ ତାରିଣୀ ମା' ଏସବୁ ଖୁଲାସା କରିବା ପରେ ପୋଲିସର ନିଦ ଭାଙ୍ଗିଛି। ସଞ୍ଜୀୟ ଧରାପଡ଼ିବା ପରେ ଏହି କାରବାରର ଚେର କେଉଁଠିକୁ ଲମ୍ବିଛି ଓ ଏଥିରେ ପୋଲିସ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି କି ନାହିଁ ସବୁକିଛି ପଦାକୁ ଆସିବ। ଏନେଇ ଶହୀଦନଗର ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି କୁହନ୍ତି, ଦୁଃଖିଆଙ୍କୁ ଆମେ ଆଣିନାହୁଁ। ତାଙ୍କୁ କ୍ୟୁଏଟି ଉଠାଇ ନେଇଥିଲା। ତାଙ୍କୁ କ'ଣ ପାଇଁ ଛାଡ଼ିଦେଇଛନ୍ତି ସେ ସମ୍ପର୍କରେ ସୂଚନା ନାହିଁ।

## ସୋସିଆଲ୍ ସ୍ମାର୍ଟ ପ୍ରକଳ୍ପରେ ବସ୍ତିର ଯୁବବର୍ଗଙ୍କୁ ପ୍ରଶିକ୍ଷଣ
## ଲିଙ୍ଗ ଭିତ୍ତିକ ହିଂସା ବିରୋଧରେ ବୁଝାଇଲା ବିଏସ୍‌ସିଏଲ୍



ଜଣେ ଅଧିକାରୀ ବସ୍ତି ପିଲାଙ୍କୁ ଲିଙ୍ଗଭିତ୍ତିକ ହିଂସା ରୋକିବା ପ୍ରସଙ୍ଗରେ ବୁଝାଉଛନ୍ତି।

**ଭୁବନେଶ୍ୱର, ୧୭।୧୨ (ବ୍ୟୁରୋ)**

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ) ପକ୍ଷରୁ ବସ୍ତିର ଯୁବବର୍ଗଙ୍କ ନିମନ୍ତେ ଲିଙ୍ଗ ଏବଂ ଲିଙ୍ଗ ଭିତ୍ତିକ ହିଂସା ରୋକିବା ସଂକ୍ରାନ୍ତ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱରର ବିଭିନ୍ନ ବସ୍ତିରୁ ୭୦ଜଣ ଯୁବକ ଶିବିରରେ ଯୋଗଦେଇଥିଲେ। ସିୱାଇଏସ୍‌ଡ ମୁଖ୍ୟାଳୟରେ ଅନୁଷ୍ଠିତ ଏହି ଶିବିରରେ ବସ୍ତିର ଯୁବବର୍ଗଙ୍କୁ ଲିଙ୍ଗଗତ ଜ୍ଞାନ କୌଶଳର ଶିକ୍ଷା ଓ ତାଲିମ ଦିଆଯାଇଥିଲା। ବିଏସ୍‌ସିଏଲ୍‌ର ସୋସିଆଲ୍ ସ୍ମାର୍ଟ ପ୍ରକଳ୍ପରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ୟୁଏନ୍‌ଏଫ୍‌ପିଏ ସହାୟତାରେ ଏବଂ ହମାରା ବଚ୍‌ପନ୍ ଟ୍ରଷ୍ଟର କାର୍ଯ୍ୟାନ୍ୱୟନ ମାଧ୍ୟମରେ ଉକ୍ତ ପ୍ରକଳ୍ପ ଚାଲୁ ରହିଛି। ବିଏମ୍‌ସିର ୧୦୦ଟି ବସ୍ତିରେ ଏହି ପ୍ରକଳ୍ପ ଚାଲିବାକୁ ଥିବାବେଳେ ପ୍ରାଥମିକ ଭାବେ ୮ଟି ବସ୍ତିରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରକଳ୍ପର ସଫଳତା ପାଇଁ ଏପରି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ବୋଲି ବିଏସ୍‌ସିଏଲ୍ ପକ୍ଷରୁ କୁହାଯାଇଛି।

## ନାବାଳିକା ଚାଲାଣ ଅଭିଯୋଗରେ ୩ଗିରଫ

**ପୁରୀ ଅଫିସ, ୧୭।୧୨**

- ସିସିଟିଭି ଫୁଟେଜରୁ ଧରିଲା ପୁରୀ ଆର୍‌ପିଏଫ୍
- କେନ୍ଦ୍ରାପଡ଼ା ପୋଲିସକୁ ହସ୍ତାନ୍ତର କଲେ

ପୁରୀ ରେଲେୱ ଷ୍ଟେଶନ ଦେଇ ନାବାଳିକାଙ୍କୁ ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ନେଇ ଅଭିଯୋଗ ହେବା ପରେ ପୁରୀ ଆର୍‌ପିଏଫ୍ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ସୋମବାର ଜଣେ ନାବାଳିକାଙ୍କୁ ବାହାର ରାଜ୍ୟକୁ ଚାଲାଣ ବେଳେ ପୋଲିସ ଚଳନ୍ତା ଟ୍ରେନରୁ ନାବାଳିକାଙ୍କୁ ଉଦ୍ଧାର ସହ ୩ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକମାନେ ହେଲେ କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ସରୋଜ ଭୋଇ(୨୭), ପ୍ରମୋଦ ଭୋଇ(୨୯) ଏବଂ ସୁଧୀର ସ୍ୱାଇଁ(୧୯)। ଉଦ୍ଧାର ନାବାଳିକାଙ୍କୁ ମଙ୍ଗଳବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ଗିରଫ ଅଭିଯୁକ୍ତଙ୍କୁ କେନ୍ଦ୍ରାପଡ଼ା ପୋଲିସକୁ ହସ୍ତାନ୍ତର କରାଯାଇଥିବା ଆରପିଏଫ ଥାନାଧିକାରୀ ଅନିଲ କୁମାର ସିଂ କହିଛନ୍ତି।

ଥାନାଧିକାରୀ ସିଂ କୁହନ୍ତି, ସୋମବାର ସିସିଟିଭି ଫୁଟେଜ ଯାଞ୍ଚ ବେଳେ ୮ନମ୍ବର ପ୍ଲାଟଫର୍ମରେ ଜଣେ ନାବାଳିକା ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ଏବଂ ତାଙ୍କ ଉପରେ ଦୁଇ ଜଣ ଯୁବକ ନଜର ରଖିଥିବା ଦେଖି ଡ୍ୟୁଟିରେ ଥିବା ଷ୍ଟାଫଙ୍କୁ ସେମାନଙ୍କ ଉପରେ ନଜର ରଖିବା ଲାଗି ନିର୍ଦ୍ଦେଶ ଦେଇଥିଲି। ସେମାନେ ପୁରୀ–ଗାନ୍ଧୀଧାମ ଏକ୍ସପ୍ରେସ ଜେନେରାଲ ବଗିରେ ସଂପୃକ୍ତ ନାବାଳିକାଙ୍କୁ ନେଇ ଚଢିଥିଲେ। ତାଙ୍କ ପଛରେ ଅନ୍ୟ ଜଣ ଯୁବକ ଚଢ଼ିଥିଲେ। ଏହି ସମୟରେ ଆର୍‌ପିଏଫ୍ ପୋଲିସ ଟ୍ରେନରେ ଚଢି ସେମାନଙ୍କୁ ପଚରାଉଚୁରା ବେଳେ ସଂପୃକ୍ତ ଯୁବକମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ପରେ ସେମାନଙ୍କୁ ଥାନାକୁ ଆଣି ପଚରାଉଚୁରା କରାଯାଇଥିଲା। ପଚରାଉଚୁରା ବେଳେ ସରୋଜ ସୋସିଆଲ ମିଡିଆରେ ସମ୍ପୃକ୍ତ ନାବାଳିକାଙ୍କ ସଂସ୍ପର୍ଶରେ ଆସିଥିବା ଓ ପରେ ତାଙ୍କୁ ବିବାହ ବାହାନା ଦେଖାଇ ସୁରଟ ନେଇ ଯାଉଥିବା କହିଥିଲେ। ସମ୍ପୃକ୍ତା ନାବାଳିକା ସୋମବାର ସକାଳ ୯ଟାରେ କଲେଜ ଯାଇଥିବାବେଳେ ଆଉ ଘରକୁ ଫେରି ନ ଥିଲେ। ଏନେଇ କେନ୍ଦ୍ରାପଡା ମର୍ଶାଘାଇ ଥାନାରେ ପରିବାର ଲୋକଙ୍କ ଅଭିଯୋଗକ୍ରମେ ୨୮୨/୧୯ରେ ମାମଲା ରୁଜୁ କରି ଥାନାଧିକାରୀ ଜଣାଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୮/୨୦୧୯ Bhubaneswar, Wednesday, December 18/2019

# 'ଯୁବପିଢ଼ିଙ୍କ ହାତରେ ନୂତନ ଭାରତ'

**ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)**

ଦେଶ ସ୍ୱାଧୀନ ହେବା ସମୟରେ ଯେତିକି ଲୋକ ଥିଲେ, ବର୍ତ୍ତମାନ ତା'ର ବହୁ ଗୁଣା ଅଧିକ ଅଛନ୍ତି। ଏମାନଙ୍କ ମଧ୍ୟରେ ୬୦ପ୍ରତିଶତ ଲୋକ ୩୫ବର୍ଷରୁ କମ୍ ବୟସର ଅଛନ୍ତି। ତେଣୁ ନୂତନ ଭାରତ କିପରି ହେବାର ଆବଶ୍ୟକ ରହିଛି, ତାହା ଆଜିର ଯୁବପିଢ଼ି ନିର୍ଦ୍ଧାରଣ କରିବା ଉଚିତ ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି। ହରେକୃଷ୍ଣ ମହତାବ ଫାଉଣ୍ଡେଶନ ପକ୍ଷରୁ ୩୧ତମ ସ୍ମାରକୀ ବକ୍ତୃତାରେ କେନ୍ଦ୍ରମନ୍ତ୍ରୀ ଯୋଗଦେଇ ଏହା କହିଛନ୍ତି।

ମଙ୍ଗଳବାର ଇଡ୍‌କଲ ଅଡିଟୋରିୟମଠାରେ ଆୟୋଜିତ 'ଇଣ୍ଡିଆସ୍ ଫ୍ୟୁଚର ଜର୍ନି ଇନ୍ ନ୍ୟୁ ଇଣ୍ଡିଆ' ଉପରେ କେନ୍ଦ୍ରମନ୍ତ୍ରୀ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ନୂତନ ଭାରତ ପାଇଁ କେବଳ କୌଣସି ଗୋଷ୍ଠୀ ଭିତରେ ଆଲୋଚନା ହେଲେ କିମ୍ବା ଭାରତରେ ସୀମିତ ହେଲେ ହେବ ନାହିଁ। ଭାରତକୁ ଆଗକୁ ବଢ଼ିବା ପାଇଁ ଓ ବିଶ୍ୱସ୍ତରରେ କିପରି ଲାଭ ପାଇପାରିବ ସେଥିପାଇଁ ଆମକୁ ଅନ୍ୟ ଦେଶ ସହ ଆଲୋଚନା କରିବାକୁ ହେବ। ନୂତନ ଭାରତ ପାଇଁ ଅର୍ଥନୈତିକ କ୍ଷେତ୍ରକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଏହାସହ ନୂତନ ଜ୍ଞାନକୌଶଳ, ଡିଜିଟାଲାଇଜେଶନ, ଜଳବାୟୁ ପରିବର୍ତ୍ତନ, ଭିତ୍ତିଭୂମି ଉପରେ ଦୃଷ୍ଟି ଦେବାକୁ ପଡ଼ିବ। ଆମ ପାଖରେ ପ୍ରାକୃତିକ ସମ୍ବଳ ସହିତ ମାନବ ସମ୍ବଳ ଅଧିକ ରହିଛି। ଏହି ଦୁଇଟିଯାକ ଯଦି ମିଶିଯାଏ ତେବେ ନୂତନ ଭାରତର ଲକ୍ଷ୍ୟ ସଫଳ ହୋଇପାରିବ। ପ୍ରତ୍ୟେକ ଜିଲାରେ ଭିତ୍ତିଭୂମିକୁ ବୃଦ୍ଧି କରିବାକୁ ହେବ। ଯଦି ଏହା ସମ୍ଭବ ହୋଇପାରିବ ତେବେ ଭାରତର ସର୍ବାଙ୍ଗୀନ ବୃଦ୍ଧି ସମ୍ଭବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଡ. ହରେକୃଷ୍ଣ ମହତାବଙ୍କ ସମ୍ପର୍କରେ ବକ୍ତବ୍ୟ ରଖି ସେ କହିଛନ୍ତି, ହରେକୃଷ୍ଣ ମହତାବ ଜଣେ ଦକ୍ଷ ରାଜନେତା ସହ ପ୍ରଭାବଶାଳୀ ବ୍ୟକ୍ତି ଥିଲେ। ସମାଜର ହିତ ପାଇଁ ସେ ନିଜକୁ ଉତ୍ସର୍ଗ କରିଥିଲେ। ଗରିବ ଓ ଆଦିବାସୀଙ୍କୁ କିପରି ସବୁ ପ୍ରକାର ସୁବିଧା ମିଳିପାରିବ ସେଥିପାଇଁ ସେ କାର୍ଯ୍ୟ କରୁଥିଲେ। ଆଜିର ଯୁବପିଢ଼ି ତାଙ୍କ ପ୍ରେରଣାରେ ଅନୁପ୍ରାଣିତ ହେବା ଉଚିତ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ପୂର୍ବତନ ନିର୍ବାଚନ କମିଶନର ରବି ନାରାୟଣ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ ଏମ୍‌ପି ତଥା ହରେକୃଷ୍ଣ ମହତାବଙ୍କ ସୁପୁତ୍ର ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରଫେସର ତରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନେକ ରାଜନେତା, ପ୍ରଶାସନିକ ଅଧିକାରୀଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ସୁରେଶ ପ୍ରଭୁ ଉଦ୍‌ବୋଧନ ଦେଉଛନ୍ତି।

# ଭୁବନେଶ୍ୱରର ସବୁଘରେ ହେବ ବର୍ଷାଜଳ ସଂଗ୍ରହଣ ପ୍ରକଳ୍ପ

୬ ମାସରେ ସରିବ, ହେଳା କଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୧୭।୧୨ (ବ୍ୟୁରୋ)**

୬ ମାସ ମଧ୍ୟରେ ଭୁବନେଶ୍ୱରର ସମସ୍ତ ଘରେ ବର୍ଷା ଜଳ ସଂଗ୍ରହଣ ପ୍ରକଳ୍ପ (ରେନ୍ ୱାଟର ହାର୍ଭେଷ୍ଟିଂ) କାର୍ଯ୍ୟ ସରିବ। ନଚେତ୍ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ ବୋଲି ମଙ୍ଗଳବାର ଏକ ବିବୃତିରେ ପ୍ରକାଶ କରିଛି। ବିଡିଏ ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ଘର ପ୍ଲାନ୍ ଆପ୍ରୁଭାଲ ପାଇଁ ଏବେ ରେନ୍ ୱାଟର ହାର୍ଭେଷ୍ଟିଂ ପ୍ରକଳ୍ପକୁ ସ୍ଥାନ ଦେବା ଜରୁରୀ। ଭୁବନେଶ୍ୱରର ବାସିନ୍ଦା ନିଜ ଘରେ ଏହି ବ୍ୟବସ୍ଥା ନ କରିବେ ସେମାନଙ୍କ ବିଲ୍ଡିଂକୁ ପ୍ଲାନ ଆପ୍ରୁଭାଲ ମିଳିବ ନାହିଁ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରରେ ଭୂତଳ ଜଳସ୍ତର ଦିନକୁ ଦିନ ହ୍ରାସ ପାଉଥିବାବେଳେ ସହରବାସୀ ଜଳର ଅପବ୍ୟବହାର କରୁଛନ୍ତି। ପୁଣି ବୋରିଂ ମାଧ୍ୟମରେ ଭୂତଳ ଜଳକୁ ମନଇଚ୍ଛା ବ୍ୟବହାର କରାଯାଉଛି। ତେଣୁ ବିଡିଏର ପ୍ଲାନିଂ ଆଣ୍ଡ୍ ବିଲ୍ଡିଂ ଷ୍ଟାଣ୍ଡାର୍ଡ ପକ୍ଷରୁ ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ ଆକ୍ଟ ୩୦୨ ଆଧାରରେ ଏହି ନିୟମ ଲାଗୁ କରାଯାଇଛି ବୋଲି ବିଡିଏ ସୂଚନା ଦେଇଛି।




## ପୁଣି ବିବାଦରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ

# ପ୍ରସବବେଳେ ନବଜାତକର ଦୁଇ ଗୋଡ଼ ଭାଙ୍ଗିଲା

- ନର୍ସ ପ୍ରସବ କରାଇଥିବା ଅଭିଯୋଗ
- ତଦନ୍ତ ନିର୍ଦ୍ଦେଶ ଦେଲେ ସିଡିଏମ୍‌ଓ
- ୪ଜଣିଆ ଟିମ୍ ୩ଦିନରେ ଦେବେ ରିପୋର୍ଟ

**ପୁରୀ ଅଫିସ, ୧୭।୧୨**

ବିଭିନ୍ନ କାରଣକୁ ନେଇ ବିବାଦରେ ରହୁଥିବା ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟର ଅବସ୍ଥା ସୁଧୁରିବାର ନାଁ ଧରୁନି। ପୁଣି ଏକ ସାଂଘାତିକ ଅବ୍ୟବସ୍ଥା ସାମ୍ନାକୁ ଆସିଛି। ଡାକ୍ତରଙ୍କ ଅନୁପସ୍ଥିତିରେ ଡ୍ୟୁଟିରେ ଥିବା କେତେଜଣ ଷ୍ଟାଫ ନର୍ସ ଏକ ପ୍ରସବ କରାଇଥିଲେ। ମାତ୍ର ଚିକିତ୍ସାରେ ଅବହେଳାରୁ ଶିଶୁଟି ଜନ୍ମହେବା ପରେ ତା'ର ଦୁଇ ଗୋଡ ଭାଙ୍ଗିଯାଇଥିବା ପରିବାର ଲୋକେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଏହା ସହ ସମ୍ପୃକ୍ତ ଷ୍ଟାଫ ନର୍ସମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ଘେରାଉ କରି ଦାବିପତ୍ର ପ୍ରଦାନ କରିଥିଲେ। ଏନେଇ ସିଡିଏମ୍‌ଓ ନୀଳକଣ୍ଠ ମିଶ୍ର କୁହନ୍ତି, ଏହି ଘଟଣାକୁ ଗୁରୁତର ସହିତ ନିଆଯାଇଛି। ଅଭିଯୋଗ ପାଇବାରେ ଘଟଣାର ତଦନ୍ତ ଲାଗି ୪ଜଣ ଡାକ୍ତରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍‌କୁ ୩ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛି। କଟକ ବଡ଼ ମେଡିକାଲରେ ଶିଶୁର ଚିକିତ୍ସା ଲାଗି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଛି। ଶିଶୁର ଚିକିତ୍ସାରେ ସମସ୍ତ ସହଯୋଗ କରାଯିବ। ପ୍ରାଥମିକ ତଦନ୍ତ ସ୍ୱରୂପ ସେହିଦିନ ଡ୍ୟୁଟିରେ ଥିବା ନର୍ସ ଓ ଡାକ୍ତରଙ୍କୁ ନୋଟିସ ଜାରି କରାଯିବ। ମାତ୍ର ଶିଶୁପୁତ୍ର ଜନ୍ମ ସମୟରେ ଡାକ୍ତରଙ୍କ ଅନୁପସ୍ଥିତି ଅଭିଯୋଗକୁ ସିଡିଏମ୍‌ଓ ଖଣ୍ଡନ କରିଛନ୍ତି। ପ୍ରସବ ରୁମ୍‌ରେ ଡାକ୍ତରଙ୍କ ୨୪ ଘଣ୍ଟିଆ ଡ୍ୟୁଟି ରହିଥାଏ। ଦୈନିକ ୧୦ରୁ ୧୫ ପ୍ରସବ ହୋଇଥାଏ। ତଦନ୍ତ ପରେ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ପ୍ରକାଶ ଯେ, କଣାସ ଥାନା ଅନ୍ତର୍ଗତ ବାଦଲପୁର ଗ୍ରାମର ହେମନ୍ତ ବେହେରାଙ୍କ ସ୍ତ୍ରୀ ସୁକୁମାରୀଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ଡିସେମ୍ବର ୮ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେହିଦିନ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଜନ୍ମ ହେବା ପରେ ଶିଶୁ ନିରନ୍ତର ଭାବେ କାନ୍ଦିବାକୁ ଲାଗିଥିଲା। କାନ୍ଦ ବନ୍ଦ ନ ହେବାରୁ ହେମନ୍ତ ଡାକ୍ତରଙ୍କ ସହିତ ଯୋଗାଯୋଗ କରିଥିଲେ। ମାତ୍ର ଡାକ୍ତର ଏଥିପ୍ରତି ଗୁରୁତ୍ୱ ନ ଦେଇ ଡିସେମ୍ବର ୧୧ତାରିଖରେ ଡିସ୍‌ଚାର୍ଜ କରିଦେଇଥିଲେ। ଘରକୁ ଫେରିବା ପରେ ଶିଶୁର କାନ୍ଦ ବନ୍ଦ ହୋଇ ନ ଥିଲା। ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇ ପୁଣି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ତାଙ୍କୁ କଟକ ନେଇ ଯିବାକୁ କହିଥିଲେ। ତେବେ ହେମନ୍ତ ପୁରୀର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସା କରିଥିଲେ। ସେଠାରେ ଶିଶୁର ଏକ୍ସ-ରେ କରାଯିବାରୁ ଦୁଇ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡିଥିଲା। ପ୍ରସବ ଦିନ ଅପରେଶନ ଗୃହରେ କୌଣସି ଡାକ୍ତର ଉପସ୍ଥିତ ନ ଥିବାରୁ କେତେଜଣ ଷ୍ଟାଫ ନର୍ସ ତାଙ୍କ ପ୍ରସବ କରାଇଥିଲେ। ପ୍ରସବ ପରେ ଶିଶୁ ତାଙ୍କ ହାତରୁ ଖସି ତଳେ ପଡ଼ିଯାଇଥିଲା। ଫଳରେ ଶିଶୁର ଏଭଳି ଅବସ୍ଥା ହୋଇଥିବା ହେମନ୍ତ ଗଣମାଧ୍ୟମକୁ କହିଛନ୍ତି।




# ଆମ୍ବଗଛରେ ପିଟିହେଲା ବସ୍, ୬ ଯାତ୍ରୀ ଆହତ


ଆମ୍ବ ଗଛକୁ ପିଟିଥିବା ଦୁର୍ଘଟଣାଗ୍ରସ୍ତ ବସ୍।

**ବଡମ୍ବା,୧୭।୧୨(ଡି.ଏନ୍.ଏ.):** ବଡମ୍ବା ହାଟ ନିକଟରେ ମଙ୍ଗଳବାର ମଧ୍ୟାହ୍ନ ସମୟରେ ଏକ ଘରୋଇ ବସ ଭାରସାମ୍ୟ ହରାଇ ଆମ୍ବଗଛରେ ପିଟି ହୋଇଯାଇଥିଲା। ଫଳରେ ବସ୍‌ରେ ଥିବା ଯାତ୍ରୀମାନଙ୍କ ମଧ୍ୟରୁ ୬ଜଣ ଆହତ ହୋଇଛନ୍ତି। ଏଥିସହ ନିକଟରେ ଥିବା ଗୋଟିଏ ବାଇକ୍ ଓ ସ୍କୁଟି ଭାଙ୍ଗିଯାଇଛି। ଆହତମାନେ ହେଲେ ଜାନକୀ ନାୟକ (୭୦) ଗୋବର୍ଦ୍ଧନପୁର, ଗୋପବନ୍ଧୁ ମହାନ୍ତି (୬୫) ପରଜାପଡା, ଗୀତା ସାହୁ (୪୫) ଗୋପପୁର, ପ୍ରତିଭା ଚୌଧୁରୀ (୧୯) ଖଇରପଙ୍ଗା, ଚରଣ ପ୍ରଧାନ (୨୨) ଛାଞ୍ଚୁଣିଆ ଓ ପ୍ରଶାନ୍ତ ମାଝି (୨୩) କୁଶାପାଳ। ଆହତମାନଙ୍କୁ ପ୍ରଥମେ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜାନକୀ ଓ ଗୋପବନ୍ଧୁଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରତିଦିନଭଳି ମଙ୍ଗଳବାର ମହାଲକ୍ଷ୍ମୀ ଯାତ୍ରୀବାହୀ ବସ୍ (ନଂ.ଓଆର୍‌୦୫ଏବି୮୯୫୦) ଭଟ୍ଟାରିକାରୁ ବାହାରି କଟକ ଅଭିମୁଖେ ଯାଉଥିବାବେଳେ ଏହି ଦୁର୍ଘଟଣା ହୋଇଥିଲା। ଖବରପାଇ ବଡମ୍ବା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ବସ୍ ଜବତ କରିବା ସହ ତଦନ୍ତ ଜାରିରଖିଛି। ଦୁର୍ଘଟଣା ପରେ ବସ୍ ଚାଳକ ଫେରାର ହୋଇଯାଇଥିବା ପୋଲିସ୍ ସୂତ୍ରରୁ ପ୍ରକାଶ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ରାଗ, ଦ୍ୱେଷ, ଈର୍ଷା, ମନ ଭିତରେ ଥିଲେ
ପୂଜା ପାଠ, ଭଜନ କୀର୍ତ୍ତନ ନିରର୍ଥକ।
-ସନ୍ଥ ଏକନାଥ

## ସଂକ୍ଷେପରେ

### ଯୋରରୁ ବୃଦ୍ଧାଙ୍କ ଗଳିତ ମୃତଦେହ ଉଦ୍ଧାର

**ମାହାଙ୍ଗା/ଲଳିତଗିରି, ୧୭।୧୨(ସ୍ୱ.ପ୍ର.):** ମାହାଙ୍ଗା ଥାନା ଲଳିତଗିରି ଗ୍ରାମ ନଣ୍ଡା ପାହାଡ ନିକଟ ଏକ ଯୋରରୁ ମଙ୍ଗଳବାର ଜଣେ ବୃଦ୍ଧାଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଏହି ଗ୍ରାମର କେତକୀ ସାହୁ (୮୪)। ସ୍ଥାନୀୟ ଲୋକେ ପାଣିରେ ତାଙ୍କ ମୃତଦେହ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି କେତକୀଙ୍କ ମୃତଦେହ ଚିହ୍ନଟ କରିଥିଲେ। ଏନେଇ ମାହାଙ୍ଗା ଥାନାରେ ଖବର ଦିଆଯିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଛି। ଏଥିସହ ଥାନାରେ ଅପମୃତ୍ୟୁ ମାମଲା (ନଂ.୧୮/୧୯)ରୁଜୁ ହୋଇଛି। ପ୍ରକାଶ ଯେ, କେତକୀ ଗତ ଶୁକ୍ରବାର ସନ୍ଧ୍ୟାରେ କୁଆଡେ ଚାଲିଯାଇଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିବା ପରେ ନ ମିଳିବାରୁ ପୁଅ ଅନାଦି ମାହାଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗର ୫ ଦିନ ପରେ ତାଙ୍କ ମୃତଦେହ ଉଦ୍ଧାର ହୋଇଛି।

### ଗାଡ଼ିରୁ ଖସି ମହିଳା ମୃତ

**ସାଲେପୁର, ୧୭।୧୨(ଡି.ଏନ୍.ଏ):** ଦୁଇଚକିଆ ଗାଡ଼ିରୁ ଖସି ସାଲେପୁର ଥାନା ଅନ୍ତର୍ଗତ ଛାଣିପୁର ପଞ୍ଚାୟତ ବାଲିଆ ବଜାର ନିକଟରେ ମଙ୍ଗଳବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ସାତବାଟି ଗ୍ରାମର ସୁମିତ୍ରା ମୁଦୁଲି (୪୭)। ସୁମିତ୍ରା ନିଜ ପୁତୁରାଙ୍କ ସହ ଏକ ଦୁଇଚକିଆ ଗାଡ଼ିରେ ଯାଉଥିବା ବେଳେ ବାଲିଆ ବଜାର ନିକଟରେ ଖସି ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ସୁମିତ୍ରାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସାଲେପୁର ପୋଲିସ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବାସହ ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୨୫/୧୯)ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

### ସେବା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

**ଟିଗିରିଆ, ୧୭।୧୨(ଡି.ଏନ୍.ଏ.):** ଟିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମା ସେବା ସମବାୟ ସମିତିରେ ମଙ୍ଗଳବାରଠାରୁ ଧାନ ମଣ୍ଡି ଖୋଲିଛି। ଚାଷୀଙ୍କଠାରୁ ମିଲର ଧାନ କ୍ରୟ କରିଛନ୍ତି। ଏହି ଅବସରରେ ବିନ୍ଧାଣିମା ଓ ବାଲିପୁଟ ପଞ୍ଚାୟତର ୨୧ ଜଣ ଚାଷୀଙ୍କଠାରୁ ୫୭୧ କୁଇଣ୍ଟାଲ ଧାନ ସିଜଲ ଏଣ୍ଟର ପ୍ରାଇଜେସ କିଣିଛି। ଏଥିଲାଗି ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲାପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ଖଟୁଆ ଯୋଗଦେଇ ମଣ୍ଡି ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସମ୍ପାଦକ ବିଷ୍ଣୁଚରଣ ନାୟକ, ସଭାପତି ଚକ୍ରଧର ରାଉତ, ସମବାୟ ସମ୍ପ୍ରସାରଣ ଅଧିକାରୀ ହାଡିବନ୍ଧୁ ରଣା, ବିନ୍ଧାଣିମା ସରପଞ୍ଚ ଅଜିତ ରାଉତ, ସମିତି ସଭ୍ୟ ବିଭୂତି ଭୂଷଣ ବେହେରା, ଆଠଗଡ-ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ସଭ୍ୟ ସୁଜିତ ସାହୁ ଓ ଜନକଲ୍ୟାଣ ଯୁବକ ସଂଘ ସଭାପତି ବିଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଡ. କମଳ କୁମାରୀ ପଟ୍ଟନାୟକଙ୍କ ପରଲୋକ

**କଟକ ଅଫିସ, ୧୭।୧୨:** ପ୍ରଫେସର ଡ. କମଳ କୁମାରୀ ପଟ୍ଟନାୟକଙ୍କର ରାଷ୍ଟ୍ରଭାଷା ରୋଡସ୍ଥିତ ବାସଭବନରେ ମଙ୍ଗଳବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ସାମାଜିକକର୍ମୀ ଗିରିଜା ଭୂଷଣ ପଟ୍ଟନାୟକଙ୍କ ସହଧର୍ମିଣୀ ହୋଇଥିବାବେଳେ ଜର୍ଜ ପଟ୍ଟନାୟକ ଓ ବିଜୁ ପଟ୍ଟନାୟକଙ୍କ ଭାଣିଜୀ। ବିଜ୍ଞାନରେ ସେ ଥିଲେ ଓଡ଼ିଶାର ପ୍ରଥମ ଡକ୍ଟରେଟ। ୧୯୬୨ରେ ରେଭେନ୍‌ଶା କଲେଜ ଉଦ୍ଭିଦ ବିଭାଗରେ ଅଧ୍ୟାପନା ଆରମ୍ଭ କରି ବିଭାଗର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇ ଥିଲେ। ସେ ଓଡ଼ିଶା ଲୋକସେବା ଆୟୋଗର ସଭ୍ୟ ଭାବେ ନିଯୁକ୍ତି ପାଇଥିଲେ। 'ବୃକ୍ଷଲତାର ଔଷଧ ଗୁଣ' ତାଙ୍କର ବହୁ ପ୍ରସାରିତ ପୁସ୍ତକ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ବୁଧବାର ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହେବ।

■ ନଦୀବନ୍ଧ ରାସ୍ତା ଶୋଚନୀୟ ନେଇ ତାତିଲେ ଦ୍ୱୀପାଞ୍ଚଳବାସୀ

# ତାରପୁର ବାଇପାସ୍‌ରେ ରାସ୍ତାରୋକୋ

**ରଘୁନାଥପୁର, ୧୭।୧୨ (ଡି.ଏନ.ଏ.)**



ତାରପୁର ବାଇପାସ୍ ରାସ୍ତାରେ ଦ୍ୱୀପାଞ୍ଚଳବାସୀଙ୍କ ରାସ୍ତାରୋକୋ।

■ ଏକଜୁଟ ହେଲେ ୨୦ ପଞ୍ଚାୟତବାସୀ
■ ବିଧାୟକ, ଏମ୍‌ପିଙ୍କ ବିରୋଧରେ ନାରାବାଜି
■ ପ୍ରଶାସନିକ ଅବହେଳାକୁ ଦାୟୀ କଲେ ଲୋକେ

ମହାନଦୀ ନର୍ଥ ଜଳସମ୍ପଦ ବିଭାଗ କଟକ ଜିଲା କିଶନନଗର ତହସିଲ ଅନ୍ତର୍ଗତ ଫିପୁର ମାହାଳହାଟଠାରୁ ସାନନୟନପୁରକୁ ସଂଯୋଗ କରୁଥିବା ନଦୀବନ୍ଧ ରାସ୍ତା ଶୋଚନୀୟ ହୋଇପଡିଛି। ଏହା ଉପରେ ନିର୍ଭର କରୁଥିବା ମହାନଦୀ, ପାଇକା ଓ ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳବାସୀଙ୍କ ପକ୍ଷରୁ ଦୁଇ ଦଶନ୍ଧି ଧରି ନଦୀବନ୍ଧ ରାସ୍ତାର ସୁଦୃଢ଼ୀକରଣ ପାଇଁ ଦାବି ହୋଇଆସୁଛି। କେବଳ ରାସ୍ତାର ମରାମତି କରାଯାଇଛି। ଏବେ ଏହା ଆନ୍ଦୋଳନର ରୂପ ନେଇଛି। ଦ୍ୱିପାଞ୍ଚଳର ୨୦ ପଞ୍ଚାୟତବାସୀ ମଙ୍ଗଳବାର ଏହାର ପ୍ରବେଶ ପଥ କଟକ-ପାରାଦୀପ ରାସ୍ତାର ତାରପୁର ବାଇପାସ୍‌ଠାରେ ପୂର୍ବାହ୍ନ ୧୦ଟାରେ ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ଏହି ନଦୀବନ୍ଧ ରାସ୍ତା ଦେଇ କଟକ-କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଜିଲାର ଲୋକେ ଯାତାୟାତ କରିଥାନ୍ତି। ପ୍ରତ୍ୟେକ ଦିନ ରାସ୍ତାରେ ୨ ହଜାରରୁ ଉର୍ଦ୍ଧ୍ୱ ବାଇକ୍, ଚାରିଚକିଆ ଯାନ ଏବଂ ଟ୍ରକ୍ ବସ୍ ଇତ୍ୟାଦି ଯାତାୟାତ କରିଥାଏ। ଏହାଛଡା କୃଷ୍ଣାନନ୍ଦପୁର, ବିଶନପୁର, ଦାଇଁଲୋ, କନିମୂଳ, ଶଙ୍ଖେଶ୍ୱର, ତେଣ୍ଟାକୁଡା, ମହମ୍ମଦପୁର, ମଣିଜଙ୍ଗ, ଉତ୍ତରକୂଳ, ବାବୁଜଙ୍ଗ ସମେତ ୨୦ ପଞ୍ଚାୟତବାସୀ ନଦୀବନ୍ଧ ରାସ୍ତାରେ ଯାତାୟାତ କରିଥାନ୍ତି। ତେବେ ୩ କିମି ବ୍ୟାପୀ ରାସ୍ତା ସମ୍ପୂର୍ଣ୍ଣ ଭାବେ ଖାଲଖମାରେ ପରିପୂର୍ଣ୍ଣ। ସ୍କୁଲ ଭ୍ୟାନ, ଦମକଳ ଗାଡି ଓ ଆମ୍ବୁଲାନ୍ସଟିଏ ମଧ୍ୟ ରାସ୍ତାରେ ଠିକ୍ ସମୟରେ ପହଞ୍ଚି ପାରୁନି। ସରକାରଙ୍କୁ ବାରମ୍ବାର ଅଭିଯୋଗ ପରେ କୌଣସି ପ୍ରତିକାର କରାଯାଉନାହିଁ। ଏହାର ପ୍ରତିବାଦରେ ୨୦ ପଞ୍ଚାୟତର ବୁଦ୍ଧିଜୀବୀ ଓ ସାଧାରଣ ଲୋକ ଏକତ୍ରିତ ହୋଇ ଏ ସମ୍ପର୍କରେ ଆଲୋଚନା କରିଥିଲେ। ନଦୀବନ୍ଧ ସମନ୍ୱୟ ସମିତି ଭାବେ ଏକ କମିଟି ଗଢା ଯାଇ ପୁନର୍ବାର ସରକାରଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଥିଲା। ରାସ୍ତାଟି ଉଭୟ କଟକ ଓ କେନ୍ଦ୍ରାପଡା ଜଳସମ୍ପଦ ବିଭାଗ ଅଧୀନରେ ରହିଛି। ୩ ଜିଲାର ଜିଲାପାଳ, କଟକ ସଦର, ପାଟକୁରା, ତିର୍ତ୍ତୋଲ ବିଧାୟକ ଓ ୩ ଜିଲାର ଏମ୍‌ପିଙ୍କୁ ମଧ୍ୟ ଏ ନେଇ ଅଭିଯୋଗପତ୍ର ଦିଆଯାଇଥିବା ସମିତିର ଆବାହକ ତଥା କନିମୂଳ ସରପଞ୍ଚ ବେଦଦ୍ୟୁତି ପୃଷ୍ଟି ପ୍ରକାଶ କରିଛନ୍ତି। ବିଧାୟକ, ଏମ୍‌ପିଙ୍କ ଏଥିପ୍ରତି ଆନ୍ତରିକତା ପ୍ରକାଶ ନ ପାଇବା, ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମେତ ୩ ଜିଲାପାଳଙ୍କ ପକ୍ଷରୁ ଅବହେଳା ପ୍ରଦର୍ଶନ କରାଯିବାରୁ ବାଧ୍ୟ ହୋଇ ଲୋକେ ରାସ୍ତାକୁ ଓହ୍ଲାଇଲେ ବୋଲି ଦ୍ୱିପାଞ୍ଚଳ ଉନ୍ନୟନ ପରିଷଦର ସଭାପତି ପୀତାମ୍ବର ପରିଜା କହିଥିଲେ। ଆନ୍ଦୋଳନ ସ୍ଥଳରେ ବିଧାୟକ ଓ ଏମ୍‌ପିମାନଙ୍କ ପାରିବା ପଣିଆକୁ ନେଇ ପ୍ରଶ୍ନ ଉଠାଇ ବିରୋଧରେ ନାରାବାଜି କରିଥିଲେ। ଜଗତ୍‌ସିଂହପୁର ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ଇରିଗେଶନ ଏକଜିକ୍ୟୁଟିଭ ଇଞ୍ଜିନିୟର କଟକ ଚିତ୍ତରଞ୍ଜନ ଜେନା ଓ ସ୍ଥାନୀୟ ତହସିଲଦାର ରୂପାଲିକା ଦାଶ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉପଜିଲାପାଳ ମହାନ୍ତି ସେମାନଙ୍କ ସହ ଆଲୋଚନା କରି ଅଭିଯୋଗପତ୍ର ଗ୍ରହଣ କରିବା ପରେ ରାସ୍ତାରୋକୋ ହଟିଥିଲା। ଆନ୍ଦୋଳନରେ ବିଶନପୁର ସରପଞ୍ଚ ବସନ୍ତ ମହାପାତ୍ର, କୃଷ୍ଣାନନ୍ଦପୁର ସରପଞ୍ଚ ଗୋଲେଖ ନାରାୟଣ ଜେନା, ଦାଇଁଲୋ ସରପଞ୍ଚ ଧନଞ୍ଜୟ ସୁତାର, ମାନସ ଦାସ, ଦେବନାରାୟଣ ମହାନ୍ତି, ଅବୁ କାଲାମ, ଶେଖ ସୋଭାନ, ଜଗଦୀଶ ପାଣି, ନୁରୁଲ ହୋସେନ୍, ଅଜୟ ନାୟକ, ଲକ୍ଷ୍ମୀକାନ୍ତ ଦାଶ, ନିଆଜ ଖାନ, ମମତାଜ ଅଲ୍ଲିଙ୍କ ସମେତ ୫ଶହରୁ ଉର୍ଦ୍ଧ୍ୱ ମହିଳାପୁରୁଷ ସାମିଲ ହୋଇଥିଲେ।

### ଜାନୁୟାରୀ ୧୩ରୁ ଗଡ଼ଜାତ ମହୋତ୍ସବ

**ଆଠଗଡ, ୧୭।୧୨(ସ୍ୱ.ପ୍ର.)**

ଆଠଗଡର ଗଡଜାତ ମହୋତ୍ସବ ଜାନୁୟାରୀ ୧୩ରୁ ଆରମ୍ଭ ହେଉଛି। ୫ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବ ନିମନ୍ତେ ସ୍ୱେଚ୍ଛାସେବୀ ସଂଗଠନ ଗଡଜାତ ପରିକ୍ରମା ପକ୍ଷରୁ ୩ୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉତ୍ତରାଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ବୈଠକରେ ଅନୁଷ୍ଠାନର ଉପସଭାପତି ସୁରେଶ ଚନ୍ଦ୍ର ପରିଡା ସଭାପତିତ୍ୱ କରିଥିଲେ। ଏଥିରେ ସମ୍ପାଦକ ଲଲାଟେନ୍ଦୁ ସେନାପତି ଯୋଗଦେଇ ଗଡଜାତ ମହୋତ୍ସବର ରୂପରେଖ ବିଷୟରେ ଆଲୋକପାତ କରିଥିଲେ। ରାଜ୍ୟର ୨୬ ଗଡଜାତ ଅଞ୍ଚଳର କଳା, ସାହିତ୍ୟ, ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଲୋକ ଲୋଚନକୁ ଆଣିବା ହେଉଛି ଏହି ଗଡଜାତ ମହୋତ୍ସବର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ। ଏହି ଅବସରରେ ଆଠଗଡ, ଟିଗିରିଆ, ବଡମ୍ବା ଓ ନରସିଂହପୁର ଗଡଜାତର ବିଶିଷ୍ଟବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିବା ଲାଗି ବୈଠକରେ ସ୍ଥିର କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି ଆଲୋଚନାରେ ସଚ୍ଚିଦାନନ୍ଦ ପଣ୍ଡା, ସର୍ବେଶ୍ୱର ପଣ୍ଡା, ବିଜୟ କୁମାର ନାୟକ, ସନ୍ତୋଷ କୁମାର ବାରିକ, ସାରଙ୍ଗଧର ଜେନା, ବିଚିତ୍ରାନନ୍ଦ ସେଠୀ ଓ ନଚିକେତା ପରମାଣିକ ପ୍ରମୁଖ ଉପସ୍ଥିତ ଥିଲେ।

ଗ୍ରାମ୍ୟ ଜଙ୍ଗଲରୁ ମୂଲ୍ୟବାନ ଗଛ କାଟିନେଇଥିବା ଅଭିଯୋଗ

## ବାବାଙ୍କୁ ଥାନାରେ ଜିମାଦେଲେ ଗ୍ରାମବାସୀ

**ନିଶ୍ଚିନ୍ତକୋଇଲି, ୧୭।୧୨(ସ୍ୱ.ପ୍ର.)**



ଗ୍ରାମ୍ୟ ଜଙ୍ଗଲରୁ କଟାଯାଇଥିବା ଗଛ।

ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତ ଅନ୍ତର୍ଗତ ନତକାଇ ଗ୍ରାମରେ କିଛି ଦୁର୍ବୃତ୍ତ ମୂଲ୍ୟବାନ ଗଛ କାଟିନେଇଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଲୋକ ପ୍ରତିନିଧି ଓ ଗ୍ରାମବାସୀ ସୋମବାର ଜଣେ ବାବାଙ୍କୁ ସାଙ୍ଗରେ ନେଇ ନିଶ୍ଚିନ୍ତକୋଇଲି ଥାନାରେ ଜିମାଦେବା ସହ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ନତକାଇ ଗ୍ରାମର ୨,୩ ଓ ୪ ନଂ ୱାର୍ଡକୁ ଲାଗି ବାଘୁଆ ପଡ଼ିଆ ରହିଛି। ଏହି ପଡିଆରେ ଥିବା ମଣିଗୋସେଇଁ ଠାକୁରଙ୍କ ସମ୍ମୁଖରେ ଗ୍ରାମବାସୀଙ୍କ ଉଦ୍ୟମରେ ମୂଲ୍ୟବାନ ଗଛ ଲଗାଯାଇ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରାଯାଇଥିଲା। ଫନୀ ବାତ୍ୟାପରେ ଏହି ଜଙ୍ଗଲରୁ କିଛି ମୂଲ୍ୟବାନ ଗଛ ଭାଙ୍ଗି ପଡିଥିଲା। ଏହାର ସୁଯୋଗ ନେଇ ଦୁର୍ବୃତ୍ତ କ୍ରମାଗତଭାବେ ଏଠାରୁ ମୂଲ୍ୟବାନ ଗଛକାଟି ନେଇଛନ୍ତି। ସୋମବାର ସ୍ଥାନୀୟ ୱାର୍ଡ ସଭ୍ୟ ଭକ୍ତବନ୍ଧୁ ପଣ୍ଡା, ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ ଓ ଲକ୍ଷ୍ମୀଧର ରାଉତ ଏଠାକୁ ବୁଲିବାକୁ ଆସିଥିବା ବେଳେ ଅନେକ ଗଛ କଟା ହୋଇଥିବା ଦେଖିଥିଲେ। ଏନେଇ ସେମାନେ ଗ୍ରାମବାସୀଙ୍କୁ ଅବଗତ କରାଇବା ସହ ଠାକୁରଙ୍କ ପାଖ ମଠରେ ରହୁଥିବା ବାବାଙ୍କୁ ଏସମ୍ପର୍କରେ ପଚାରିଥିଲେ। ବାବା କହିଥିଲେ, କିଛି ଯୁବକ ତାଙ୍କୁ ଏଠାରୁ ଗଛ କାଟିବା ପାଇଁ ଟଙ୍କା ଯାଚୁଥିଲେ। ମାତ୍ର ସେ କିଛି ଟଙ୍କା ନେଇନାହାନ୍ତି ଅବା ଗଛ କଟା ସମ୍ପର୍କରେ ଜାଣି ନାହାନ୍ତି ବୋଲି କହିଥିଲେ। ମାତ୍ର ଗ୍ରାମବାସୀଙ୍କ ସନ୍ଦେହଜାତ ହେବାରୁ ବାବାଙ୍କୁ ସାଙ୍ଗରେ ନେଇ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ ପାଖକୁ ଯାଇଥିଲେ। ତହସିଲଦାର ଜିତେନ୍ଦ୍ର ପାତ୍ର ଏହା ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ଗ୍ରାମବାସୀ ଓ ଲୋକପ୍ରତିନିଧିମାନେ ସମ୍ପୃକ୍ତ ବାବାଙ୍କୁ ସାଙ୍ଗରେ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡା ବାବାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିଛନ୍ତି।

### ବୈରାଗୀ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ

**ମାହାଙ୍ଗା, ୧୭।୧୨(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଗୁଣ୍ଡପୁର ବରୁଣାଇ ପୀଠ ପରିସରରେ ବିଶିଷ୍ଟ ସମାଜ ସଂସ୍କାରକ ବୈରାଗୀ ମିଶ୍ରଙ୍କ ୧୩୪ତମ ଜୟନ୍ତୀ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି । ବୈରାଗୀ ମିଶ୍ର ସ୍ମୃତି କମିଟି ସଭାପତି ଉପେନ୍ଦ୍ର ନାଥ ରଣାଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥିଭାବେ କବି ଶଶିଭୂଷଣ ମିଶ୍ର ଯୋଗଦେଇ ବୈରାଗୀଙ୍କ ବହୁମୁଖି ପ୍ରତିଭା ସଂପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତାଭାବେ ଖବରଦାତା ଅଖିଳେଶପଦ ମହାନ୍ତି, ସମ୍ମାନିତ ଅତିଥି ସରପଞ୍ଚଙ୍କ ପ୍ରତିନିଧି ରାକେଶ ସାହୁ, ସାମାଜିକ କର୍ମୀ ଉମେଶ ଚନ୍ଦ୍ର ସାହୁ, ଅଲେଖ ଚନ୍ଦ୍ର ଦାସ, ରାମଚନ୍ଦ୍ର ମହାପାତ୍ର, କବି ଉତ୍ତମ ଚରଣ ଜେନା, ଶୁଭେନ୍ଦୁ ସାମଲ, ବିଜୟ ରାଉତ ଓ ଶିକ୍ଷକ ଦେବପ୍ରସାଦ କର ପ୍ରମୁଖ ଯୋଗଦେଇଥିଲେ । ସଚିନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପର୍ଶୁରାମ ସାହୁ ସଭା ପରିଚାଳନା କରିଥିଲେ । ଖବରଦାତା ସର୍ବଶ୍ରୀ ଦୀପକ ସାହୁ, ଲକ୍ଷ୍ମୀଧର ଖୁଣ୍ଟିଆ, ରମେଶ ଚନ୍ଦ୍ର ସାହୁ ଓ ଅଶୋକ ଦାଶ ପ୍ରମୁଖ ଯୋଗଦେଇ ବୈରାଗୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶେଷରେ ପ୍ରଧାନଶିକ୍ଷକ ଗଣେଶ ବାନସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

## ମଙ୍ଗଳପୁର କାଜୁ ଜଙ୍ଗଲରେ ହାତୀପଲ, ଲୋକେ ଆତଙ୍କିତ



ଜଙ୍ଗଲରେ ବୁଲୁଥିବା ହାତୀ ପଲ।

**ଚୌଦ୍ୱାର, ୧୭।୧୨(ଡି.ଏନ୍.ଏ.)**

■ କାଜୁ ଜଙ୍ଗଲରେ ବୁଲୁଛନ୍ତି ୧୮ ହାତୀ

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଗ୍ରାହାଟ ପଞ୍ଚାୟତର ମଙ୍ଗଳପୁର କାଜୁ ଜଙ୍ଗଲରେ ଏକ ୧୮ଘରିଆ ହାତୀପଲ ଲୁଚି ରହିଥିବା ଦେଖିବାକୁ ମିଳିଛି। ଏହି ହାତୀପଲରେ ୪ଟି ଦନ୍ତା, ୧୦ଟି ମାଈ ଓ ୪ଟି ଛୁଆହାତୀ ରହିଛନ୍ତି। ହାତୀଙ୍କ ଗତିବିଧି ଉପରେ ଚୌଦ୍ୱାର ବନବିଭାଗ ପକ୍ଷରୁ ନଜର ରଖାଯାଇଥିବା ବନପାଳ ଜ୍ୟୋତି ରଞ୍ଜନ ମହାପାତ୍ର କହିଛନ୍ତି। ହାତୀପଲ ଆଗ୍ରାହାଟ, ମଙ୍ଗଳପୁର ଓ ବାଣିପଦା ପଞ୍ଚାୟତର ଧାନ ଫସଲକୁ ନଷ୍ଟ କରିଦେଇଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ବାସିନ୍ଦା ଉକ୍ତ ରାସ୍ତାରେ ସନ୍ଧ୍ୟା ହେଲେ ଯାତାୟାତ ପାଇଁ ସୁରକ୍ଷିତ ମଣୁ ନ ଥିବା ଜଣାପଡିଛି। ସୋମବାର ସନ୍ଧ୍ୟା ପର୍ଯ୍ୟନ୍ତ ଏହି ହାତୀପଲ ମଙ୍ଗଳପୁର କାଜୁ ଜଙ୍ଗଲରେ ଥିବା ବେଳେ ସେମାନଙ୍କୁ ଛତିଶା ପାଟ ରାସ୍ତାରେ ବଉଳ ଜଙ୍ଗଲକୁ ଘଉଡ଼ାଇବାକୁ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।

### ୨ ଟ୍ରାକ୍ଟର ପୋଡ଼ିଲେ ଦୁର୍ବୃତ୍ତ

**କଣ୍ଡାପଡ଼ା, ୧୭।୧୨(ଡି.ଏନ୍.ଏ.)**

ମଇଧରପଡ଼ାର ଏକ ସିମେଣ୍ଟ ଇଟା କାରଖାନାରେ ଥିବା ୨ ଟ୍ରାକ୍ଟରକୁ କେହି ଦୁର୍ବୃତ୍ତ ପୋଡ଼ିଦେଇଥିବା ମଙ୍ଗଳବାର କଟକ ସଦର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୬୦୧/୧୯) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପ୍ରଶାନ୍ତ ଦାଶଙ୍କ ମଇଧରପଡା ଗ୍ରାମରେ ଏକ ଫ୍ଲାଏଆଶ୍ ଇଟାଭାଟି ରହିଛି। ଉକ୍ତ ଇଟାଭାଟିରେ ତାଙ୍କର ଏକ ଟ୍ରାକ୍ଟର ଥିବାବେଳେ ପୁରୁଷୋତ୍ତମପୁର ଗ୍ରାମର ଗଗନ ବିହାରୀ ଜେନାଙ୍କ ଏକ ଟ୍ରାକ୍ଟରକୁ ସେ ଲିଜ୍‌ରେ ଆଣିଥିଲେ। ଟ୍ରାକ୍ଟର ଦୁଇଟି କାରଖାନାରେ ଥିବାବେଳେ ସୋମବାର ବିଳମ୍ବିତ ରାତିରେ ହଠାତ୍ ଏଥିରେ ନିଆଁ ଲାଗିଯାଇଥିଲା। ଖବରପାଇ ଅଡଶପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ।

## ୫-ଟି କାର୍ଯ୍ୟକାରିତା ଉପରେ ସମବାୟ ମନ୍ତ୍ରୀଙ୍କ ଗୁରୁତ୍ୱ

**କଟକ ଅଫିସ, ୧୭।୧୨**

ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମକୁ ମୋ ସରକାର କାର୍ଯ୍ୟକ୍ରମରେ ସାମିଲ କରି ସମବାୟ ସେବାରେ ଏକ ବୈପ୍ଳବିକ ପରିବର୍ତ୍ତନ ଅଣାଯିବ। ମଙ୍ଗଳବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏ ସଂକ୍ରାନ୍ତ ଏକ ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଏହା କହିଛନ୍ତି। ସମବାୟ ସେବା ଲୋକଙ୍କ ପାଇଁ ଓ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏହି ସେବାକୁ ଅତ୍ୟାଧୁନିକ ବ୍ୟବସ୍ଥା ସହ କମ୍ପ୍ୟୁଟରୀକରଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସମବାୟ କ୍ଷେତ୍ରକୁ ସଶକ୍ତୀକରଣ କରାଯାଇ କୃଷି ଓ କୃଷକର ଉନ୍ନତି ପାଇଁ ଛତୁ, ମାଛ ଆଦି ଚାଷ ପାଇଁ ସେମାନଙ୍କୁ ସମବାୟ ବ୍ୟାଙ୍କ୍ ଜରିଆରେ ରିହାତିରେ ଋଣ ଯୋଗାଇଦେବା, ପ୍ରାଥମିକ କୃଷିସେବା ସମବାୟ ସମିତିଗୁଡିକୁ ଆର୍ଥିକ ଦୃଷ୍ଟିରୁ ସବଳ କରାଇବା ଏବଂ ସେବା ପ୍ରଦାନରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ମନ୍ତ୍ରୀ କହିଥିଲେ । କୃଷକଙ୍କଠାରୁ ଧାନ କିଣିବା ସମୟରେ ଯୋଗାଣ ବିଭାଗ ଓ ସମବାୟ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖିବା ସହ କୃଷକଙ୍କୁ ନିର୍ଦ୍ଧାରିତ ଦେୟ ପ୍ରଦାନ ପାଇଁ ସେ ପରାମର୍ଶ ଦେଇଥିଲେ। ସମବାୟ ବ୍ୟାଙ୍କଗୁଡିକର ପରିଚାଳନା, ସମସ୍ୟା, ଅଡିଟ, ଆବଶ୍ୟକ କର୍ମଚାରୀ ଆଦି ଉପରେ ସମୀକ୍ଷା କରି ଜିଲା ଓ ସହକାରୀ ସମବାୟ ରେଜିଷ୍ଟ୍ରାର ଏବଂ ବ୍ୟାଙ୍କ୍ ଶାଖା ପରିଚାଳକମାନଙ୍କୁ ନିୟମିତ ବ୍ୟବଧାନରେ ସମବାୟ ସମିତି ଓ ବ୍ୟାଙ୍କ ଶାଖାଗୁଡିକୁ ପରିଦର୍ଶନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ୍ ଉପସଭାପତି ଗୀତାରାଣୀ ନାୟକ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, କେନ୍ଦୁଝର ସମବାୟ ବ୍ୟାଙ୍କ ସଭାପତି କାନନ ବିହାରୀ ପହିଙ୍କ ସମେତ ଜିଲା ଓ ସହକାରୀ ଜିଲା ସମବାୟ ନିବନ୍ଧକ, ସମ୍ପାଦକ ଏବଂ ନିର୍ଦ୍ଦେଶକ, ସମବାୟ ବ୍ୟାଙ୍କ୍ କଟକ, ଅନୁଗୋଳ ଓ ବାଙ୍କୀ ଏବଂ ପ୍ରାଥମିକ କୃଷିସେବା ସମବାୟ ସମିତିର ସଭାପତି, ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।

ବରିଷ୍ଠ ନାଗରିକଙ୍କ ସୁରକ୍ଷା ନେଇ ପୋଲିସର ବୈଠକ

# ଅଧିକ କ୍ରିୟାଶୀଳ ହେବେ ନୋଡାଲ ଅଫିସର

**କଟକ ଅଫିସ, ୧୭।୧୨**




ବୈଠକରେ ଯୋଗଦେଇଥିବା ଅତିଥିମାନେ।

■ ଅନ୍‌ଲାଇନ୍‌ରେ ଏତଲା ଦାଖଲ କରିପାରିବେ ବରିଷ୍ଠ ନାଗରିକ
■ ଖୁବ୍‌ଶୀଘ୍ର ମହିଳା ଏସ୍‌ପିଓ ନିଯୁକ୍ତି

କମିଶନରେଟ୍ ପୋଲିସ ପକ୍ଷରୁ ମଙ୍ଗଳବାର ଶହୀଦଭବନରେ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟସେବା ଓ ସୁରକ୍ଷା ନେଇ ଏକ ମତ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ପକ୍ଷରୁ ବିଭିନ୍ନ ପ୍ରସ୍ତାବ ଦିଆଯାଇଥିବା ବେଳେ ପୋଲିସ ପକ୍ଷରୁ ମଧ୍ୟ ସେମାନଙ୍କୁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ଡିସିପି ଅଖିଳେଶ୍ୱର ସିଂ, ଟ୍ରାଫିକ ଡିସିପି ସାଗରିକା ନାଥଙ୍କ ସମେତ ସମସ୍ତ ଥାନା ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ସୂଚନା ଅନୁଯାୟୀ, କିଛିଦିନ ତଳେ ବେଲେଶ୍ୱର ଅଞ୍ଚଳରେ ଏକ ବୃଦ୍ଧ ଦମ୍ପତିଙ୍କୁ ଘରେ ହତ୍ୟା କରାଯାଇଥିଲା। ଏହା ପରେ ସହରରେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ତେଣୁ ସେମାନଙ୍କ ସୁରକ୍ଷା ନେଇ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ନିୟୋଜିତ ନୋଡାଲ ଅଫିସରମାନଙ୍କୁ ଅଧିକ କ୍ରିୟାଶୀଳ କରାଯିବା, ପରିବାର ସହିତ ଏବଂ ଏକୁଟିଆ ରହୁଥିବା ବରିଷ୍ଠ ନାଗରିକଙ୍କୁ ଚିହ୍ନଟ କରାଯାଇ ପଦକ୍ଷେପ ନେବାକୁ ବରିଷ୍ଠ ନାଗରିକମାନେ ମତ ରଖିଥିଲେ। ନୋଡାଲ ଅଫିସରଙ୍କୁ ଅଧିକ କ୍ରିୟାଶୀଳ ହେବା ଲାଗି କମିଶନର ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ଥାନା ଅଞ୍ଚଳରେ ଏକାକୀ ବାସ କରୁଥିବା ବରିଷ୍ଠ ନାଗରିକଙ୍କ ସମ୍ପୂର୍ଣ୍ଣ ତଥ୍ୟ ସ୍ଥାନୀୟ ଥାନା ରଖିବ। ନୋଡାଲ ଅଫିସରମାନେ ପ୍ରତି ୨ସପ୍ତାହ ବ୍ୟବଧାନରେ ନିଜ ଥାନା ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ଭେଟି ସେମାନଙ୍କ ଅସୁବିଧା ବୁଝିବେ। ଏକାକୀ ରହୁଥିବା ବରିଷ୍ଠ ନାଗରିକ ଘରେ ଭଡାଟିଆ ରଖିଲେ ସେମାନଙ୍କ ତଥ୍ୟ ସ୍ଥାନୀୟ ଥାନାରେ ଅବଗତ କରାଇବେ। କୌଣସି ସମୟରେ ଅସୁବିଧାରେ ପଡ଼ିଲେ ତୁରନ୍ତ ପୋଲିସର ସହଯୋଗ ନେବାକୁ କମିଶନର କହିଥିଲେ। ସେହିପରି ନକଲି ଫାଇନାନ୍ସ ସଂସ୍ଥା, ବିଭିନ୍ନ ବ୍ୟାଙ୍କ ନାଁରେ ଆସୁଥିବା ଫେକ୍ କଲ ପ୍ରତି ସାବଧାନ ରହିବାକୁ କମିଶନର ଷଡଙ୍ଗୀ ପରାମର୍ଶ ଦେଇଥିଲେ। ବରିଷ୍ଠ ନାଗରିକମାନେ ସହଜରେ ଘରେ ବସି ଏବେ ମୋବାଇଲ ଚୋରି, ଗାଡ଼ି ଚୋରି, ଦାଦାବଟି, ଘରେ ପଶି ଧମକ ଦେବା ଆଦିର ଏତଲା ଅନଲାଇନ ମାଧ୍ୟମରେ ଦାଖଲ କରିପାରିବେ। ଆସନ୍ତା ମାସକ ମଧ୍ୟରେ ପ୍ରାୟ ୧୬କୋଟି ଟଙ୍କା ବ୍ୟୟରେ ସହରର ସମ୍ବେଦନଶୀଳ ଜାଗାରେ ସିସିଟିଭି କ୍ୟାମେରା ଲଗାଯିବ। ଏଥିସହିତ ଖୁବଶୀଘ୍ର ମହିଳା ଏସ୍‌ପିଓ ନିଯୁକ୍ତି କରାଯିବା ନେଇ କମିଶନର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

## ୪ ହାଇୱା ଜବତ

ଚୌଦ୍ୱାର,୧୭।୧୨(ଡି.ଏନ୍.ଏ.): ବେଆଇନଭାବେ ବାଲି, ମୋରମ ଚାଲାଣ କରୁଥିବା ୪ଟି ହାଇୱାକୁ ଟାଙ୍ଗୀ-ଚୌଦ୍ୱାର ତହସିଲ ପକ୍ଷରୁ ଜବତ କରାଯାଇଛି। ଅତିରିକ୍ତ ତହସିଲଦାର ପ୍ରସନ୍ନ ସାମନ୍ତରାୟଙ୍କ ନେତୃତ୍ୱରେ ବରିଷ୍ଠ ଅଧିକାରୀ କରୁଣାକର ଖଟୁଆ, ରାଜସ୍ୱ ନିରୀକ୍ଷକ ସୌମ୍ୟରଞ୍ଜନ ସ୍ୱାଇଁ, ସୁବାଶିଷ ପ୍ରଧାନ, ମାନସ ବ୍ରହ୍ମା, ନାରାୟଣ ସାହୁ ପ୍ରମୁଖ ଚୌଦ୍ୱାର ଜାତୀୟ ରାଜପଥର ଗାନ୍ଧୀଛକରୁ ଓଟିଏମ୍ ଛକ ମଧ୍ୟରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ବେଳେ ୪ଟି ହାଇୱା ଜବତ କରି ଚୌଦ୍ୱାର ଥାନାକୁ ହସ୍ତାନ୍ତର କରିଥିବା ଜଣାପଡିଛି।

## ସଂକ୍ଷେପରେ

### ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ

କଟକ ଅଫିସ,୧୭।୧୨:କଟକ ମହାନଗର ନାଗରିକ ମହାସଭା ତରଫରୁ ଏସ୍‌ସିବି ମେଡିକାଲ ପରିସରରେ ମଙ୍ଗଳବାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୪୮ତମ ଜୟନ୍ତୀ ପାଳିତ ହୋଇ ଯାଇଛି। ଏଥିରେ ମହାସଭାର ସଭାପତି ଡା. ରବିରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ ଗଗନ ଚନ୍ଦ୍ର ମେହେର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଓଡ଼ିଶାର ଶିକ୍ଷା, ସଂସ୍କୃତି ଓ କଳାର ବିକାଶ ଦିଗରେ ମହାରାଜାଙ୍କ ଅବଦାନ ଅବିସ୍ମରଣୀୟ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସେ ଅନ୍ୟତମ ବିଦ୍ଧାଣୀ ବୋଲି ଯୋଗଦେଇଥିବା ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସଭାରେ ବିଦ୍ୟୁତ କୁମାରୀ ଲାଲା, ବନଲତା ସିଂହ, ଭୁବନାନନ୍ଦ ମହାନ୍ତି, ବୈଷ୍ଣବ ପରିଡ଼ା, ରବୀନ୍ଦ୍ର କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।

### ବିଜୟ ଶତପଥୀଙ୍କୁ ମିଳିବ ଭରଦ୍ୱାଜ ସମ୍ମାନ

କଟକ ଅଫିସ, ୧୭।୧୨: ସାହିତ୍ୟ ସମାଲୋଚନା ନିମନ୍ତେ ପ୍ରଫେସର ବିଜୟ କୁମାର ଶତପଥୀଙ୍କୁ ମର୍ଯ୍ୟାଦାଜନକ ଭରଦ୍ୱାଜ ସମ୍ମାନରେ ସମ୍ମାନିତ କରାଯିବ। ଆସନ୍ତା ୨୯ ତାରିଖରେ ଶତାବ୍ଦୀ ଭବନରେ ହେବାକୁ ଥିବା ଓଡ଼ିଆ ଗୀତିକବି ସମାଜର ୨୭ତମ ବାର୍ଷିକ ଅଧିବେଶନରେ ଶତପଥୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସେହିପରି ମନୋଜ ମହାନ୍ତିଙ୍କୁ 'ଓଡ଼ିଆ ଗୀତିକବି ସମାଜ ସମ୍ମାନ', ପ୍ରହ୍ଲାଦ ସାଙ୍କୁ 'ଜିତେନ୍ଦ୍ର ପଟ୍ଟନାୟକ ଗୀତିକବି ସମ୍ମାନ', ପ୍ରେମଚାନ୍ଦ ମହାନ୍ତିଙ୍କୁ 'ବିନୋଦିନୀ ପଟ୍ଟନାୟକ ଗୀତିକବି ସମ୍ମାନ', ସନ୍ଧ୍ୟାରାଣୀ ମିତ୍ରଙ୍କୁ 'ନୀରଦପ୍ରଭା ଗୀତିକବି ସମ୍ମାନ', ହଂସନାଥ ମୁଦୁଲିଙ୍କୁ 'ଅନ୍ନପୂର୍ଣ୍ଣା ନନ୍ଦ ଗୀତିକବି ସମ୍ମାନ', ସୁବାସ ଚନ୍ଦ୍ର ରାମଙ୍କୁ 'ଅନମୋଲ ସଙ୍ଗୀତ ନିର୍ଦ୍ଦେଶନା ସମ୍ମାନ' ଏବଂ ସୁବାସ ଦାଶଙ୍କୁ 'ଆୟୁଷ କଣ୍ଠଶିଳ୍ପୀ ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ସଭାପତି ମନୋଜ ପଟ୍ଟନାୟକ ଓ ସମ୍ପାଦକ ମୀନାକ୍ଷୀ ଦେବୀ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

### ଡ. କମଳ କୁମାରୀ ପଟ୍ଟନାୟକଙ୍କ ପରଲୋକ



କଟକ ଅଫିସ, ୧୭।୧୨: ପ୍ରଫେସର ଡ. କମଳ କୁମାରୀ ପଟ୍ଟନାୟକଙ୍କର ରାଷ୍ଟ୍ରଭାଷା ରୋଡସ୍ଥିତ ବାସଭବନରେ ମଙ୍ଗଳବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ସାମାଜିକକର୍ମୀ ଗିରିଜା ଭୂଷଣ ପଟ୍ଟନାୟକଙ୍କ ସହଧର୍ମିଣୀ ହୋଇଥିବାବେଳେ ଜର୍ଜ ପଟ୍ଟନାୟକ ଓ ବିଜୁ ପଟ୍ଟନାୟକଙ୍କ ଭାଣିଜୀ। ବିଜ୍ଞାନରେ ସେ ଥିଲେ ଓଡ଼ିଶାର ପ୍ରଥମ ଡକ୍ଟରେଟ। ୧୯୬୨ରେ ରେଭେନ୍‌ଶା କଲେଜ ଉଦ୍ଭିଦ ବିଭାଗରେ ଅଧାପନା ଆରମ୍ଭ କରି ବିଭାଗର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇ ଥିଲେ। ସେ ଓଡ଼ିଶା ଲୋକସେବା ଆୟୋଗର ସଭ୍ୟ ଭାବେ ନିଯୁକ୍ତି ପାଇଥିଲେ। 'ବୃକ୍ଷଲତାର ଔଷଧ ଗୁଣ' ତାଙ୍କର ବହୁ ପ୍ରସାରିତ ପୁସ୍ତକ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ବୁଧବାର ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହେବ।

### ରଜତ କର ପାଇବେ ବାସୁଦେବ କର ସାହିତ୍ୟ ବିଦ୍‌ବତ୍ତା ସମ୍ମାନ

କଟକ ଅଫିସ, ୧୭।୧୨: ସାହିତ୍ୟିକ ତଥା ଶିକ୍ଷାବିତ୍ ଡ. ରଜତ କୁମାର କରଙ୍କୁ ଚଳିତବର୍ଷ ପାଇଁ ମର୍ଯ୍ୟାଦାଜନକ ଡା. ବାସୁଦେବ କର ସାହିତ୍ୟ ବିଦ୍‌ବତ୍ତା ସମ୍ମାନ ପ୍ରଦାନ କରାଯିବ। ଡ. କର ଜଣେ ଶିକ୍ଷାବିତ, ନାଟ୍ୟକାର ଓ ବାଗ୍ମୀ ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ଆକାଶବାଣୀ, ଦୂରଦର୍ଶନ ଓ ବିଭିନ୍ନ ଗଣମାଧ୍ୟମରେ ଜଣେ ଆଧ୍ୟାତ୍ମିକ ପ୍ରବକ୍ତା ଭାବେ ସେ ବେଶ୍ ଜଣାଶୁଣା। ଆସନ୍ତା ୨୦ ତାରିଖରେ ବିଜୁ ପଟ୍ଟନାୟକଛକସ୍ଥିତ ଶାରଳା ଭବନରେ ବାସୁଦେବ କର ମେମୋରିଆଲ ଫାଉଣ୍ଡେଶନ ପକ୍ଷରୁ ହେବାକୁ ଥିବା ଡା. ବାସୁଦେବ କରଙ୍କ ଶ୍ରାଦ୍ଧବାର୍ଷିକ ସମାରୋହରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଏ ନେଇ ମଙ୍ଗଳବାର ଫାଉଣ୍ଡେଶନର ସଭାପତି ପ୍ରଫେସର ନିରଞ୍ଜନ ତ୍ରିପାଠୀ ଓ ସମ୍ପାଦକ ମାୟାଧର କର ସୂଚନା ଦେଇଛନ୍ତି।

## ■ବରିଷ୍ଠ ନାଗରିକଙ୍କ ସୁରକ୍ଷା ନେଇ ପୋଲିସର ବୈଠକ

# ଅଧିକ କ୍ରିୟାଶୀଳ ହେବେ ନୋଡାଲ ଅଫିସର




ବୈଠକରେ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଏବଂ ଅନ୍ୟମାନେ ।

■ ଅନ୍‌ଲାଇନ୍‌ରେ ଏତଲା ଦାଖଲ କରିପାରିବେ ବରିଷ୍ଠ ନାଗରିକ

■ ଖୁବଶୀଘ୍ର ମହିଳା ଏସ୍‌ପିଓ ନିଯୁକ୍ତି

କଟକ ଅଫିସ, ୧୭।୧୨: କମିଶନରେଟ୍ ପୋଲିସ ପକ୍ଷରୁ ମଙ୍ଗଳବାର ଶହୀଦଭବନରେ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟସେବା ଓ ସୁରକ୍ଷା ନେଇ ଏକ ମତ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ପକ୍ଷରୁ ବିଭିନ୍ନ ପ୍ରସ୍ତାବ ଦିଆଯାଇଥିବା ବେଳେ ପୋଲିସ ପକ୍ଷରୁ ମଧ୍ୟ ସେମାନଙ୍କୁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ଡିସିପି ଅଖିଳେଶ୍ୱର ସିଂ, ଟ୍ରାଫିକ ଡିସିପି ସାଗରିକା ନାଥଙ୍କ ସମେତ ସମସ୍ତ ଥାନା ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ସୂଚନା ଅନୁଯାୟୀ, କିଛିଦିନ ତଳେ ବେଲେଶ୍ୱର ଅଞ୍ଚଳରେ ଏକ ବୃଦ୍ଧ ଦମ୍ପତିଙ୍କୁ ଘରେ ହତ୍ୟା କରାଯାଇଥିଲା। ଏହା ପରେ ସହରରେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ତେଣୁ ସେମାନଙ୍କ ସୁରକ୍ଷା ନେଇ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ନିୟୋଜିତ ନୋଡାଲ ଅଫିସରମାନଙ୍କୁ ଅଧିକ କ୍ରିୟାଶୀଳ କରାଯିବା, ପରିବାର ସହିତ ଏବଂ ଏକୁଟିଆ ରହୁଥିବା ବରିଷ୍ଠ ନାଗରିକଙ୍କୁ ଚିହ୍ନଟ କରାଯାଇ ପଦକ୍ଷେପ ନେବାକୁ ବରିଷ୍ଠ ନାଗରିକମାନେ ମତ ରଖିଥିଲେ। ନୋଡାଲ ଅଫିସରଙ୍କୁ ଅଧିକ କ୍ରିୟାଶୀଳ ହେବା ଲାଗି କମିଶନର ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ଥାନା ଅଞ୍ଚଳରେ ଏକାକୀ ବାସ କରୁଥିବା ବରିଷ୍ଠ ନାଗରିକଙ୍କ ସମ୍ପୂର୍ଣ୍ଣ ତଥ୍ୟ ସ୍ଥାନୀୟ ଥାନା ରଖିବ। ନୋଡାଲ ଅଫିସରମାନେ ପ୍ରତି ୨ସପ୍ତାହ ବ୍ୟବଧାନରେ ନିଜ ଥାନା ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ଭେଟି ସେମାନଙ୍କ ଅସୁବିଧା ବୁଝିବେ। ଏକାକୀ ରହୁଥିବା ବରିଷ୍ଠ ନାଗରିକ ଘରେ ଭଡାଟିଆ ରଖିଲେ ସେମାନଙ୍କ ତଥ୍ୟ ସ୍ଥାନୀୟ ଥାନାରେ ଅବଗତ କରାଇବେ। କୌଣସି ସମୟରେ ଅସୁବିଧାରେ ପଡ଼ିଲେ ତୁରନ୍ତ ପୋଲିସର ସହଯୋଗ ନେବାକୁ କମିଶନର କହିଥିଲେ। ସେହିପରି ନକଲି ଫାଇନାନ୍ସ ସଂସ୍ଥା, ବିଭିନ୍ନ ବ୍ୟାଙ୍କ ନାଁରେ ଆସୁଥିବା ଫେକ୍ କଲ ପ୍ରତି ସାବଧାନ ରହିବାକୁ କମିଶନର ଷଡଙ୍ଗୀ ପରାମର୍ଶ ଦେଇଥିଲେ। ବରିଷ୍ଠ ନାଗରିକମାନେ ସହଜରେ ଘରେ ବସି ଏବେ ମୋବାଇଲ ଚୋରି, ଗାଡ଼ି ଚୋରି, ଦାଦାବଟି, ଘରେ ପଶି ଧମକ ଦେବା ଆଦିର ଏତଲା ଅନଲାଇନ ମାଧ୍ୟମରେ ଦାଖଲ କରିପାରିବେ। ଆସନ୍ତା ମାସକ ମଧ୍ୟରେ ପ୍ରାୟ ୧୬କୋଟି ଟଙ୍କା ବ୍ୟୟରେ ସହରର ସମ୍ବେଦନଶୀଳ ଜାଗାରେ ସିସିଟିଭି କ୍ୟାମେରା ଲଗାଯିବ । ଏଥିସହିତ ଖୁବଶୀଘ୍ର ମହିଳା ଏସ୍‌ପିଓ ନିଯୁକ୍ତି କରାଯିବା ନେଇ କମିଶନର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।




ବିଭିନ୍ନ ଦାବି ନେଇ ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ମଙ୍ଗଳବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## ■ଉତ୍କଳ ଖଦି ମଣ୍ଡଳ ପକ୍ଷରୁ ଆଲୋଚନାଚକ୍ର

# ପୁଞ୍ଜିପତିଙ୍କ ପାଇଁ ସଙ୍କଟରେ ଦେଶ

କଟକ ଅଫିସ,୧୭।୧୨: ପୁଞ୍ଜିପତିଙ୍କ କବ୍‌ଜାରେ ରହିଛି ଦେଶ। ଅଳ୍ପ କେତେଜଣ ଧନୀକ ଶ୍ରେଣୀ ଶାସନକୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି। ଏଭଳି ସ୍ଥିତିରେ ଦେଶର ଗଣତନ୍ତ୍ର ଏବେ ସଙ୍କଟରେ ପଡ଼ିଛି। ଏହା ଆଦୌ ଶୁଭଙ୍କର ନୁହେଁ ବୋଲି ମଙ୍ଗଳବାର ଉତ୍କଳ ଖଦି ମଣ୍ଡଳ ପକ୍ଷରୁ ଆୟୋଜିତ 'ସଙ୍କଟରେ ଦେଶ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଶ୍ରମିକ ନେତା କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧିବାଦୀ ଗୁଣନିଧି ମହାନ୍ତିଙ୍କ ୫୮ତମ ଶ୍ରାଦ୍ଧ ଦିବସ ଅନୁଷ୍ଠାନର ସଭାପତି ବୈଷ୍ଣବ ଦାସଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଥିଲା। ବରିଷ୍ଠ ଖବରଦାତା ସତ୍ୟ ରାୟ ଆଲୋଚନାରେ ଭାଗନେଇ କହିଥିଲେ, ଗାନ୍ଧିଜୀ ବିଶ୍ୱର ଶାନ୍ତି ଓ ପ୍ରଗତି ପାଇଁ ଚେଷ୍ଟା କରିଥିଲେ, ହେଲେ ଆଜି ତାଙ୍କ ବିଚାରକୁ ହେୟ ଜ୍ଞାନ କରାଯାଉଛି। ଆଇନଜୀବୀ ସୁରେନ୍ଦ୍ରନାଥ କର କହିଥିଲେ, ଦେଶର ସମ୍ବିଧାନ ଏବେ ସଙ୍କଟ ଦେଇ ଗତି କରୁଛି। ଏହି ଆଲୋଚନାଚକ୍ରରେ ନାରୀନେତ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତି, ସାମାଜିକ କର୍ମୀ ଅକ୍ଷୟ ଦାସ, ପ୍ରଶାନ୍ତ ଦାସ, ଶିକ୍ଷକ ନେତା ଗଜେନ୍ଦ୍ର ପାଣି, ଶିକ୍ଷାବିତ୍ କୁଞ୍ଜବିହାରୀ ଦାଶ, ଅଧ୍ୟାପିକା ମିନତୀ ପଣ୍ଡା ପ୍ରମୁଖ ଯୋଗଦେଇ ଗୁଣନିଧିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ରବୀନ୍ଦ୍ରନାଥ ମହାନ୍ତି ଧନ୍ୟବାଦ ଦେଇଥିଲେ। ସେହିପରି ଗୁଣନିଧି ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ଓ କ୍ଷେତ୍ରବାସୀ ପତିଙ୍କ ୩୨ତମ ଶ୍ରାଦ୍ଧଦିବସ ଗୁଣନିଧି ଭବନରେ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ପାଳିତ ହୋଇଯାଇଛି। ମଣ୍ଡଳର ସଭାପତି କୈଳାସ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। 'ଗୁଣନିଧି ବାବୁ ଓ ଗ୍ରାମୋଦ୍ୟୋଗ' ଶୀର୍ଷକ ବିଷୟରେ ଆଲୋଚନା ହୋଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ କ୍ଷୁଦ୍ର ଉଦ୍ୟୋଗର ଆବଶ୍ୟକତା ରହିଛି ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ କୈଳାସ ଚନ୍ଦ୍ର ବରାଳ, ବାଳକୃଷ୍ଣ ବେହେରା, ଗଜେନ୍ଦ୍ର ପାଣି, ସୁଜାତା ଭାରତୀୟ, ଡ. ସୌଦାମିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ରମାକାନ୍ତ ମଣ୍ଡଳ ଧନ୍ୟବାଦ ଦେଇଥିଲେ।

# ୬୦ତମ ଶିଶିର ଉତ୍ସବ ଉଦ୍‌ଯାପିତ

କଟକ ଅଫିସ, ୧୭।୧୨: ସାହିତ୍ୟ ସଂସଦ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନରେ ଚାଲିଥିବା ୬୦ତମ ଶିଶିର ଉତ୍ସବ ଓ ଓଡ଼ିଆ ଲେଖକ ସମ୍ମେଳନର ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ୬ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟ ସମାଲୋଚକ ଡ. ପ୍ରଫୁଲ୍ଲ କୁମାର ଦାଶ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ଦୀନବନ୍ଧୁ ମହାରଣା ଯୋଗଦେଇ କହିଥିଲେ, ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯିବା ଦ୍ୱାରା ସେମାନଙ୍କ ଉତ୍ସାହରେ ହିଁ ଓଡ଼ିଆ ସାହିତ୍ୟ ସମୃଦ୍ଧ ହୋଇପାରିବ। ଓଡ଼ିଆ ମାଧ୍ୟମ ପ୍ରତି ଆକୃଷ୍ଟ କରାଇବା ସହ ବହି ପଠନ ଦିଗରେ ପିଲାଙ୍କ ମନରେ ଆଗ୍ରହ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଶ୍ୱିନୀ ସେଠୀ ଯୋଗଦେଇ କହିଥିଲେ, ଏହି ଅନୁଷ୍ଠାନ ଯେଉଁଭଳି ନୂତନ ପ୍ରତିଭାମାନଙ୍କୁ ସମ୍ମାନିତ କରୁଛି ତାହା ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ହେବା ଉଚିତ। ସମ୍ମାନିତ ଅତିଥି ଭାବେ ରମେଶ ଚନ୍ଦ୍ର ରଥ ମଞ୍ଚାସୀନ ଥିଲେ। ନରସିଂହ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

## ୫-ଟି କାର୍ଯ୍ୟକାରିତା ଉପରେ ସମବାୟ ମନ୍ତ୍ରୀଙ୍କ ଗୁରୁତ୍ୱ




ବୈଠକରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଅନ୍ୟମାନେ ।

କଟକ ଅଫିସ, ୧୭।୧୨: ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମକୁ ମୋ ସରକାର କାର୍ଯ୍ୟକ୍ରମରେ ସାମିଲ କରି ସମବାୟ ସେବାରେ ଏକ ବୈପ୍ଳବିକ ପରିବର୍ତ୍ତନ ଅଣାଯିବ। ମଙ୍ଗଳବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏ ସଂକ୍ରାନ୍ତ ଏକ ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଏହା କହିଛନ୍ତି। ସମବାୟ ସେବା ଲୋକଙ୍କ ପାଇଁ ଓ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏହି ସେବାକୁ ଅତ୍ୟାଧୁନିକ ବ୍ୟବସ୍ଥା ସହ କମ୍ପ୍ୟୁଟରୀକରଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସମବାୟ କ୍ଷେତ୍ରକୁ ସଶକ୍ତୀକରଣ କରାଯାଇ କୃଷି ଓ କୃଷକର ଉନ୍ନତି ପାଇଁ ଛତୁ, ମାଛ ଆଦି ଚାଷ ପାଇଁ ସେମାନଙ୍କୁ ସମବାୟ ବ୍ୟାଙ୍କ୍ ଜରିଆରେ ରିହାତିରେ ଋଣ ଯୋଗାଇଦେବା, ପ୍ରାଥମିକ କୃଷିସେବା ସମବାୟ ସମିତିଗୁଡ଼ିକୁ ଆର୍ଥିକ ଦୃଷ୍ଟିରୁ ସବଳ କରାଇବା ଏବଂ ସେବା ପ୍ରଦାନରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ମନ୍ତ୍ରୀ କହିଥିଲେ । କୃଷକଙ୍କଠାରୁ ଧାନ କିଣିବା ସମୟରେ ଯୋଗାଣ ବିଭାଗ ଓ ସମବାୟ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖିବା ସହ କୃଷକଙ୍କୁ ନିର୍ଦ୍ଧାରିତ ଦେୟ ପ୍ରଦାନ ପାଇଁ ସେ ପରାମର୍ଶ ଦେଇଥିଲେ। ସମବାୟ ବ୍ୟାଙ୍କଗୁଡ଼ିକର ପରିଚାଳନା, ସମସ୍ୟା, ଅଡିଟ, ଆବଶ୍ୟକ କର୍ମଚାରୀ ଆଦି ଉପରେ ସମୀକ୍ଷା କରି ଜିଲା ଓ ସହକାରୀ ସମବାୟ ରେଜିଷ୍ଟ୍ରାର ଏବଂ ବ୍ୟାଙ୍କ୍ ଶାଖା ପରିଚାଳକମାନଙ୍କୁ ନିୟମିତ ବ୍ୟବଧାନରେ ସମବାୟ ସମିତି ଓ ବ୍ୟାଙ୍କ ଶାଖାଗୁଡ଼ିକୁ ପରିଦର୍ଶନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ୍ ଉପସଭାପତି ଗୀତାରାଣୀ ନାୟକ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, କେନ୍ଦୁଝର ସମବାୟ ବ୍ୟାଙ୍କ ସଭାପତି କାନନ ବିହାରୀ ପହିଙ୍କ ସମେତ ଜିଲା ଓ ସହକାରୀ ଜିଲା ସମବାୟ ନିବନ୍ଧକ, ସମ୍ପାଦକ ଏବଂ ନିର୍ଦ୍ଦେଶକ, ସମବାୟ ବ୍ୟାଙ୍କ୍ କଟକ, ଅନୁଗୋଳ ଓ ବାଙ୍କୀ ଏବଂ ପ୍ରାଥମିକ କୃଷିସେବା ସମବାୟ ସମିତିର ସଭାପତି, ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।

### ମିଳୁନି ଫନୀ ସହାୟତା ତହସିଲ ଅଫିସ ଘେରିଲେ ଗ୍ରାମବାସୀ

କଣ୍ଟାପଡା,୧୭।୧୨(ଡି.ଏନ୍.ଏ.) ଗତ ମେ' ୩ତାରିଖରେ ହୋଇଥିବା ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରଗୁଡ଼ିକୁ ଅଦ୍ୟାବଧି ସହାୟତା ମିଳି ନାହିଁ। ପ୍ରକୃତ କ୍ଷତିଗ୍ରସ୍ତଙ୍କ ପରିବର୍ତ୍ତେ ଅନ୍ୟମାନଙ୍କୁ ଫନୀ ସହାୟତା ମିଳିବା ପ୍ରତିବାଦରେ ବାଇରୋଇ ଓ ଶିଶୁଆ ଗ୍ରାମର ଶତାଧିକ ଲୋକ ମଙ୍ଗଳବାର କଣ୍ଟାପଡ଼ା ତହସିଲ ଅଫିସକୁ ଘେରାଉ କରିଥିଲେ। ଗଣ୍ଡଗୋଳ ଆଶଙ୍କାରେ ତହସିଲ ନିକଟରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏ ସମ୍ପର୍କରେ କଣ୍ଟାପଡା ତହସିଲଦାର ଆର୍ତ୍ତତ୍ରାଣ ମଲିକ କୁହନ୍ତି, ଏହି ଗ୍ରାମର ୧୨ଜଣ ଫନୀ କ୍ଷତିଗ୍ରସ୍ତ ଘରଭଙ୍ଗା ସହାୟତାକୁ ନେଇ କୋର୍ଟର ଆଶ୍ରୟ ନେଇଥିବାରୁ ମାମଲା ଏବେ ବିଚାରାଧୀନ ରହିଛି। କୋର୍ଟର ନିର୍ଦ୍ଦେଶ ପରେ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ନିଆଯିବ।

### କାରଖାନା ଫାଟକ ଆଗରେ ଶ୍ରମିକଙ୍କ ଧାରଣା

ଟାଙ୍ଗୀ(କଟକ), ୧୭।୧୨(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଏକ ଘରୋଇ ସିମେଣ୍ଟ କାରଖାନା କର୍ତ୍ତୃପକ୍ଷ ବିନା କାରଣରେ ଜଣେ ଠିକାଦାରଙ୍କୁ କାର୍ଯ୍ୟରୁ ଅନ୍ତର କରିଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ଶତାଧିକ ଶ୍ରମିକ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ପ୍ରାୟ ୩ଘଣ୍ଟାର ଆଲୋଚନା ପରେ କେତେକ ସର୍ତ୍ତ ରଖି କାରଖାନା କର୍ତ୍ତୃପକ୍ଷ ଦାବି ମାନିଥିଲେ। ଏହା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶ ଯେ, ବିଶ୍ୱଜିତ ମହାନ୍ତି ନାମକ ଯାଜପୁର ଜିଲା ବୈରୀ ଅଞ୍ଚଳର ଜଣେ ଠିକାଦାର ଦୀର୍ଘ ବର୍ଷ ହେଲା କାର୍ଯ୍ୟ କରି ଆସୁଛନ୍ତି। ତାଙ୍କ ଅଧୀନରେ ଯାଜପୁର ଜିଲାର ପ୍ରାୟ ୨ଶହ ଶ୍ରମିକ କାମ କରୁଛନ୍ତି। ତେବେ କୌଣସି କାରଣ ନ ଥାଇ ୪ଦିନ ପୂର୍ବେ କର୍ତ୍ତୃପକ୍ଷ ତାଙ୍କୁ କାର୍ଯ୍ୟରୁ ଅନ୍ତର କରିଦେଇଥିଲେ।

## ମଙ୍ଗଳପୁର କାଜୁ ଜଙ୍ଗଲରେ ହାତୀପଲ, ଲୋକେ ଆତଙ୍କିତ



ଚୌଦ୍ୱାର,୧୭।୧୨(ଡି.ଏନ୍.ଏ.) ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଗ୍ରାହାଟ ପଞ୍ଚାୟତର ମଙ୍ଗଳପୁର କାଜୁ ଜଙ୍ଗଲରେ ଏକ ୧୮ଘରିଆ ହାତୀପଲ ଲୁଚି ରହିଥିବା ଦେଖିବାକୁ ମିଳିଛି। ଏହି ହାତୀପଲରେ ୪ଟି ଦନ୍ତା,୧୦ଟି ମାଈ ଓ ୪ଟି ଛୁଆହାତୀ ରହିଛନ୍ତି। ହାତୀଙ୍କ ଗତିବିଧି ଉପରେ ଚୌଦ୍ୱାର ବନବିଭାଗ ପକ୍ଷରୁ ନଜର ରଖାଯାଇଥିବା ବନପାଳ ଜ୍ୟୋତି ରଞ୍ଜନ ମହାପାତ୍ର କହିଛନ୍ତି। ହାତୀପଲ ଆଗ୍ରାହାଟ, ମଙ୍ଗଳପୁର ଓ ବାଣିପଦା ପଞ୍ଚାୟତର ଧାନ ଫସଲକୁ ନଷ୍ଟ କରିଦେଇଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ବାସିନ୍ଦା ଉକ୍ତ ରାସ୍ତାରେ ସନ୍ଧ୍ୟା ହେଲେ ଯାତାୟାତ ପାଇଁ ସୁରକ୍ଷିତ ମଣୁ ନ ଥିବା ଜଣାପଡିଛି। ସୋମବାର ସନ୍ଧ୍ୟା ପର୍ଯ୍ୟନ୍ତ ଏହି ହାତୀପଲ ମଙ୍ଗଳପୁର କାଜୁ ଜଙ୍ଗଲରେ ଥିବା ବେଳେ ସେମାନଙ୍କୁ ଛତିଶା ପାଟ ରାସ୍ତାରେ ବଉଳ ଜଙ୍ଗଲକୁ ଘଉଡ଼ାଇବାକୁ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।

## ସମ୍ବାଦପତ୍ର ବିକ୍ରେତା ସଂଘର ସ୍ମୃତିସଭା



ସଂଘର ସଦସ୍ୟମାନେ ସଂଯୁକ୍ତା ପ୍ରଧାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରୁଛନ୍ତି ।

କଟକ ଅଫିସ,୧୭।୧୨: ସମ୍ବାଦପତ୍ର ବିକ୍ରେତା ଜୟନ୍ତ ପ୍ରଧାନଙ୍କ ସହଧର୍ମିଣୀ ସଂଯୁକ୍ତା ପ୍ରଧାନଙ୍କର ପରଲୋକ ହୋଇଯାଇଛି। ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ମୃତିସଭାରେ ବିଜୟ କୁମାର ପଢିହାରୀ, ଦୁର୍ଗାପ୍ରସାଦ ଛାଟୋଇ, ରତ୍ନାକର ପ୍ରଧାନ, ସିନୁ ରେଡ୍ଡି, ଅକ୍ଷୟ କୁମାର ମହାନ୍ତି, ସନ୍ତୋଷ ମହାନ୍ତି, ମନୋଜ ପାଲ, ହିମାଂଶୁ ମହାପାତ୍ର, ପ୍ରଶାନ୍ତ କୁମାର ସାହୁ, ହାଡ଼ିବନ୍ଧୁ ବେହେରା, ପ୍ରଭାସ ପ୍ରଧାନ, ହେମନ୍ତ ପଟ୍ଟନାୟକ, ରବି ପାଲ ଏବଂ ହୃଷି ପଢିହାରୀ ପ୍ରମୁଖ ଯୋଗଦେଇଥିଲେ।

# ମଶା ଉପଦ୍ରବରେ ସହରବାସୀ ଅତିଷ୍ଠ

## ■ସିଏମ୍‌ସି କହୁଛି ଘନତ୍ୱ କମୁଛି



କଟକ ଅଫିସ,୧୭।୧୨: ସକାଳ ହେଉ ଅବା ସଞ୍ଜ। କଟକ ସହରରେ ମଶା ଉପଦ୍ରବରେ ଲୋକେ ଅତିଷ୍ଠ ହୋଇ ପଡ଼ିଲେଣି। ହେଲେ କଟକ ମହାନଗର ନିଗମ କର୍ତ୍ତୃପକ୍ଷ ପଦକ୍ଷେପ ନେବା ପରିବର୍ତ୍ତେ ଚୁପ୍ ବସିଛନ୍ତି। ନିଗମର ମଶା ନିପାତ କାର୍ଯ୍ୟକ୍ରମ ବନ୍ଦ ରହିଥିବା ଅଭିଯୋଗ ହେଉଛି।

କଟକ ମହାନଗର ନିଗମରେ ୫୯ଟି ୱାର୍ଡ଼ ରହିଛି। ୱାର୍ଡ଼ଗୁଡ଼ିକରେ ମଶାବଂଶ ନିପାତ ପାଇଁ ୫୯ଟି ଛୋଟ ଓ ଗୋଟିଏ ବଡ଼ ଟିଫା ମେଶିନ୍ ବ୍ୟବହାର କରାଯାଉଛି। ଏହାସତ୍ତ୍ୱେ ମଶାଙ୍କ ସଂଖ୍ୟା ଦିନକୁ ଦିନକୁ ବୃଦ୍ଧି ପାଇବାରେ ଲାଗିଛି। ମଶାବତି ବ୍ୟବହାର ନ କଲେ ଦିନରେ ବି ଘରେ ଚଳପ୍ରଚଳ କରିବା ସମ୍ଭବପର ହେଉନାହିଁ। ଘର, ଦୋକାନ ବଜାର ରାସ୍ତାଘାଟ, ଡାକ୍ତରଖାନା ସବୁଠି ମଶା ଉପଦ୍ରବ। ସହରର ନାଳ ନର୍ଦ୍ଦମା ତଥା ରାସ୍ତାଘାଟ ଠିକ୍ ଭାବେ ସଫେଇ ହେଉ ନ ଥିବାରୁ ମଶାବଂଶ ବୃଦ୍ଧି ପାଉଛି। ସୂଚନା ଅନୁଯାୟୀ, କଟକ ମହାନଗର ନିଗମ ପରିମଳ ଦାୟିତ୍ୱରେ ଥିବା ରାମ୍‌କୀର ଚୁକ୍ତି ୨ବର୍ଷ ହେବ ଶେଷ ହେବା ପରେ ଏ ପର୍ଯ୍ୟନ୍ତ ଏହି ଦାୟିତ୍ୱ କାହାରିକୁ ମିଳିନାହିଁ। ଅଦାଲତରେ ମାମଲା ଚାଲିଥିବାବେଳେ ଟେଣ୍ଡର ପ୍ରକ୍ରିୟା ହୋଇ ପାରି ନ ଥିଲା। ତେବେ ଏହି ମାମଲା ଶେଷ ହେବା ପରେ ସିଏମ୍‌ସି ପକ୍ଷରୁ ନୂତନ ଟେଣ୍ଡର ଆହ୍ୱାନ କରାଯାଇଛି। ମାତ୍ର ପରିମଳ ବ୍ୟବସ୍ଥାରେ ସୁଧାର ନ ଆସିବା ପର୍ଯ୍ୟନ୍ତ ସହରବାସୀଙ୍କୁ ମଶା ଉପଦ୍ରବର ଶିକାର ହେବାକୁ ପଡ଼ିବ ବୋଲି କୁହାଯାଉଛି।

### ମଶା ପାଇଁ ଠିଆହୋଇ ହେଉନି



ଯୁଆଡ଼େ ଗଲେ ବି ମଶା। ଏଥିଯୋଗୁ କେଉଁଠି ବି ଗୋଟିଏ ମିନିଟ୍ ବସି କି ଠିଆ ହୋଇ ହେଉନି। ସିଏମ୍‌ସି ପକ୍ଷରୁ ପ୍ରତ୍ୟେକ ୱାର୍ଡରେ ଟିଫା ମେଶିନ୍‌ରେ ସବୁଦିନ ଧୂଆଁ ଛଡ଼ା ଯାଉନି। ସବୁ ନାଳନର୍ଦ୍ଦମା ଆବର୍ଜନାରେ ଭର୍ତ୍ତି। ସଫେଇ ଆଦୌ ହେଉ ନାହିଁ। ମଶାବଂଶ ବଢ଼ିବାରେ ଲାଗିଛି। ଏଥିଯୋଗୁ ମ୍ୟାଲେରିଆ ବ୍ୟାପିବାର ଆଶଙ୍କା ରହିଛି।

-ପାର୍ବତୀ ରାଉତ, ୱାର୍ଡ଼ ନଂ-୩୨

### ସିଏମ୍‌ସି ପକ୍ଷରୁ ପ୍ରତିକାର ନାହିଁ



ଆମ ୱାର୍ଡ଼ରେ ମଶା ଉପଦ୍ରବ କଥା କହିଲେ ନ ସରେ। ସିଏମ୍‌ସି ପକ୍ଷରୁ କୌଣସି ପ୍ରତିକାର ହେଉଥିବା ଲାଗୁନାହିଁ। ଦିନେ ଦୁଇ ଦିନରେ ଥରେ ଟିଫା ମେଶିନ୍ ଆସି ବୁଲି ଯାଉଛି। ତା'ପରେ ପୂର୍ବ ଭଳି ମଶା ଦାଉ ଜାରି ରହୁଛି। ଡ୍ରେନ୍ ନିୟମିତ ସଫେଇ ହେଉନି।

-ଗୋବର୍ଦ୍ଧନ ବାରିକ, ୱାର୍ଡ଼ ନଂ-୫୦

### ଟିଫା ମେଶିନ୍‌ରେ ବ୍ୟବହୃତ କେମିକାଲ କାମ ଦେଉନି



ସିଏମ୍‌ସି କର୍ତ୍ତୃପକ୍ଷ ବିଭିନ୍ନ ଟ୍ୟାକ୍ସ ବାବଦରେ ଅର୍ଥ ଆଦାୟ କରୁଥିଲେ ମଧ୍ୟ ସହରର ପରିମଳ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେଉ ନାହାନ୍ତି। ଟିଫା ମେଶିନ୍ ଆମ ୱାର୍ଡ଼କୁ ଆସୁଥିଲେ ମଧ୍ୟ ଧୂଆଁ ଯିବାର ୫/୧୦ମିନିଟ୍ ମଧ୍ୟରେ ପୁଣି ମଶା କାମୁଡ଼ା ଆରମ୍ଭ ହୋଇଯାଉଛି। ତେଣୁ ଟିଫା ମେଶିନ୍‌ରେ ବ୍ୟବହୃତ ହେଉଥିବା କେମିକାଲ ଆଦୌ କାମ ଦେଉନାହିଁ।

-ପ୍ରିୟବ୍ରତ ଲେଙ୍କା, ୱାର୍ଡ଼ ନଂ-୩୧

### ସପ୍ତାହକ ମଧ୍ୟରେ ନିୟନ୍ତ୍ରଣାଧୀନ ହେବ

ସିଏମ୍‌ସି ପକ୍ଷରୁ ମଶାବଂଶ ନିପାତ ପାଇଁ ପଦକ୍ଷେପ ନିଆଯାଉଛି। ପ୍ରତିଦିନ ସହରର ସବୁ ୱାର୍ଡ଼ରେ ଟିଫା ମେଶିନ ବୁଲୁଛି। ସପ୍ତାହକ ତଳେ ମଶା ଘନତ୍ୱ ୬୦ ରହିଥିବାବେଳେ ମଙ୍ଗଳବାର ୫୩ ରହିଛି। ସପ୍ତାହକ ମଧ୍ୟରେ ଏହି ଘନତ୍ୱ ୭ କମିଛି। ଆଗାମୀ ସପ୍ତାହକ ମଧ୍ୟରେ ଏହା ନିୟନ୍ତ୍ରଣାଧୀନ ହୋଇଯିବ।

-ଡା. ଉମେଶ ଚନ୍ଦ୍ର ପାଣିଗ୍ରାହୀ, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ

### ୨ ଟ୍ରାକ୍ଟର ପୋଡ଼ିଲେ ଦୁର୍ବୃତ୍ତ

କଣ୍ଟାପଡ଼ା,୧୭।୧୨(ଡି.ଏନ୍.ଏ.): ମଇଧରପଡ଼ାର ଏକ ସିମେଣ୍ଟ ଇଟା କାରଖାନାରେ ଥିବା ୨ ଟ୍ରାକ୍ଟରକୁ କେହି ଦୁର୍ବୃତ୍ତ ପୋଡ଼ିଦେଇଥିବା ମଙ୍ଗଳବାର କଟକ ସଦର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୬୦୧/୧୯) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପ୍ରଶାନ୍ତ ଦାଶଙ୍କ ମଇଧରପଡା ଗ୍ରାମରେ ଏକ ଫ୍ଲାଏଆଶ୍ ଇଟାଭାଟି ରହିଛି। ଉକ୍ତ ଇଟାଭାଟିରେ ତାଙ୍କର ଏକ ଟ୍ରାକ୍ଟର ଥିବାବେଳେ ପୁରୁଷୋତ୍ତମପୁର ଗ୍ରାମର ଗଗନ ବିହାରୀ ଜେନାଙ୍କ ଏକ ଟ୍ରାକ୍ଟରକୁ ସେ ଲିଜ୍‌ରେ ଆଣିଥିଲେ। ଟ୍ରାକ୍ଟର ଦୁଇଟି କାରଖାନାରେ ଥିବାବେଳେ ସୋମବାର ବିଳମ୍ବିତ ରାତିରେ ହଠାତ୍ ଏଥିରେ ନିଆଁ ଲାଗିଯାଇଥିଲା। ଟ୍ରାକ୍ଟର ଜଳୁଥିବାଦେଖି କାରଖାନା ମ୍ୟାନେଜର ଫୋନ ମାଧ୍ୟମରେ ପ୍ରଶାନ୍ତଙ୍କୁ ଜଣାଇଥିଲେ। ଖବରପାଇ ଅଡଶପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସ୍ଥାନୀୟ ଅଞ୍ଚଳର କେହି ଦୁର୍ବୃତ୍ତ ଏଭଳି କାର୍ଯ୍ୟ କରିଥିବା ପ୍ରଶାନ୍ତ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି।



ରାଗ, ଦ୍ୱେଷ, ଈର୍ଷା, ମନ ଭିତରେ ଥିଲେ
ପୂଜା ପାଠ, ଭଜନ କୀର୍ତ୍ତନ ନିରର୍ଥକ।
-ସନ୍ଥ ଏକନାଥ



## ସଂକ୍ଷେପରେ

### ରାଧାକାନ୍ତପୁର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ : ଭୋଟ ଦେଲେ ୧୨ ସଭ୍ୟ

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୧୭।୧୨ (ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଧାକାନ୍ତପୁର ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବର ସ୍ୱତନ୍ତ୍ର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ଜଣ ସଭ୍ୟାସଭ୍ୟ ଭୋଟ ଦେଇଛନ୍ତି। ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ତରୁଣ କୁମାର ମହାପାତ୍ର ନିର୍ବାଚନ ପରିଚାଳନା କରୁଥିବାବେଳେ ବେଗୁନିଆ ତହସିଲଦାର ବିବେକାନନ୍ଦ ପରିଡା ପ୍ରିଜାଇଡିଂ ଅଫିସର ଭାବେ କାର୍ଯ୍ୟ କରିଥିଲେ। ଭୋଟ ପରେ ଫଳାଫଳକୁ ଲୁକ୍କାୟିତ ରଖାଯାଇଛି। ଉପଜିଲାପାଳ ଶାନ୍ତନୁ ମହାନ୍ତିଙ୍କ ସୂଚନା ଅନୁସାରେ ଜିଲାପାଳଙ୍କୁ ନିର୍ବାଚନ ସମ୍ପର୍କରେ ଅବଗତ କରାଯାଇଛି। ଜିଲାପାଳ ଫଳାଫଳ ଘୋଷଣା କରିବେ ବୋଲି କହିଛନ୍ତି। ପ୍ରକାଶଥାଉ କି ୨୦୧୭ ନିର୍ବାଚନରେ ରାଧାକାନ୍ତପୁର ସରପଞ୍ଚ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ତାଙ୍କୁ ଶାସକଦଳରେ ସାମିଲ କରାଯାଇଥିଲା। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିଲା।

### କୂଅରେ ପଡ଼ି ଯୁବକ ଗୁରୁତର

**ନିରାକାରପୁର,୧୭।୧୨(ଡି.ଏନ.ଏ.):** କୂଅରେ ପଡି ମଙ୍ଗଳବାର ଜଣେ ଯୁବକ ଆହତ ହୋଇଛନ୍ତି। ଉପସ୍ଥିତ ସାଙ୍ଗମାନଙ୍କ ସହଯୋଗରେ ତାଙ୍କୁ ଚିକିତ୍ସା ଲାଗି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସା ପାଇଁ ନିଆଯାଇଛି। ଆହତ ଯୁବକ ଜଣଙ୍କ ହେଲେ ସ୍ଥାନୀୟ ନିରାକାରପୁର ଗେଟ୍ ବଜାରସ୍ଥିତ ଅମିତ କୁମାର ନରେନ୍ଦ୍ର(୨୯)ବୋଲି ଜଣାପଡିଛି। ସେ ମଳିପଡା ବିଦ୍ୟୁତ୍ ଫିଡ୍‌କୋରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବା ସୂଚନା ମିଳିଛି। ମଙ୍ଗଳବାର କେତେଜଣ ସାଙ୍ଗମାନଙ୍କ ସହ ସ୍ଥାନୀୟ ଚିତ୍ରକୂଟ ପାହାଡ ତଳେ ଭୋଜି କରୁଥିବା ସମୟରେ ପାଖରେ ଥିବା ଏକ ଗଭୀର କୂଅରେ ଗଳି ପଡିଥିଲେ। ତାଙ୍କ ଶରୀର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିବା ସୂଚନା ମିଳିଛି।

**ଜିଲାପାଳ, ଏସ୍‌ପିଙ୍କ ସହ ଆଲୋଚନା**

### ବାତିଲ ହେଲା ବୁଧବାରର ଆନ୍ଦୋଳନ

**ଖୋର୍ଦ୍ଧା ଅଫିସ,୧୭।୧୨:** ଖୋର୍ଦ୍ଧାରେ ଡାକ୍ତର ଓ ଔଷଧ ଦୋକାନୀଙ୍କୁ ଗୁଳିମାଡ ଘଟଣା ପରେ ଖୋର୍ଦ୍ଧା କେମେଷ୍ଟ୍ରି, ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ୧୮ ତାରିଖରେ ଆନ୍ଦୋଳନ ହେବାର ଥିଲା। ତେବେ ଜିଲାପାଳ ଓ ଏସ୍‌ପିଙ୍କ ସହ ଆଲୋଚନା ପରେ କେମେଷ୍ଟ୍ରି ଓ ଡ୍ରଗିଷ୍ଟ ଆସୋସିଏଶନ ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି। କେମେଷ୍ଟ୍ରି ଓ ଡ୍ରଗିଷ୍ଟଆସୋସିଏଶନ ସମ୍ପାଦକ ଜ୍ୟୋତି ରଞ୍ଜନ ଅଗ୍ରୱାଲାଙ୍କ ସୂଚନା ଅନୁସାରେ, ରୋଗୀଙ୍କ ସ୍ୱାର୍ଥ, ଜିଲାପାଳ ଓ ଏସ୍‌ପିଙ୍କ ସହ ଆଲୋଚନା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ୭ ଦିନ ଭିତରେ ହତ୍ୟାକାରୀଙ୍କୁ ନ ଧରିଲେ ସଂଘ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି କହିଛନ୍ତି।

### ଚାକିରିଆ, ସ୍ୱଚ୍ଛଳବର୍ଗଙ୍କୁ ଆବାସ ଯୋଜନା: ଜିଲାପାଳଙ୍କୁ ଫେରାଦ୍

**ଖୋର୍ଦ୍ଧା ଅଫିସ,୧୭।୧୨:** ଖୋର୍ଦ୍ଧା ବ୍ଲକ ନରଣଗଡ ପଞ୍ଚାୟତର କୁରୁମପଡାରେ ଆବାସ ଯୋଜନାରେ ଘୋଟାଲା ହୋଇଛି। ଗରିବ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ପରି ଆବାସ ଯୋଜନାରେ ଘରଟିଏ ପାଉନାହାନ୍ତି। ହେଲେ ଏହି ଗାଁରେ ସରକାରୀ ଚାକିରିଆ, ଛାତଘର ଥିବା ଲୋକ, ଲୋକ ପ୍ରତିନିଧିଙ୍କ ଭାଇ ଆବାସ ଯୋଜନାକୁ ହାତେଇ ନେଇଛନ୍ତି। ପୁଣି ଫନୀ ବାତ୍ୟା ପରେ ଗରିବ ଲୋକଙ୍କ ନାଁ ଆବାସ ଯୋଜନା ତାଲିକାରେ ନାହିଁ। ତେବେ ସ୍ୱଚ୍ଛଳ ବର୍ଗର ଲୋକ ଆବାସ ଯୋଜନାରେ ନାଁ ସାମିଲ କରାଇ ନେଇଛନ୍ତି। ଗରିବ ଲୋକ ପଚାରିଲେ ଉତ୍ତର ମିଳୁଛି ଜଗନ୍ନାଥଙ୍କ ଜମିରେ ଆବାସ ଯୋଜନାରେ ଘର ମିଳିବ ନାହିଁ। ସ୍ୱଚ୍ଛଳବର୍ଗ ପାଇଁ ନିୟମ ଲାଗୁନାହିଁ। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହେଉଛି। ଏ ନେଇ ମଙ୍ଗଳବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।

■ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା

# ଉଦ୍ଧାର କାର୍ଯ୍ୟରେ ଲାଗିବ ନାଗଫାଶ ପ୍ରକଳ୍ପ

**ଖୋର୍ଦ୍ଧା ଅଫିସ,୧୭।୧୨**

ଖୋର୍ଦ୍ଧା ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲାର ୧୦ଟି ବ୍ଲକ ଓ ଭୁବନେଶ୍ୱର ମ୍ୟୁନିସପାଲିଟିରୁ ପ୍ରାୟ ୬୬ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ତେବେ ନାଗଫାଶ ରେଟାଷ୍ଟ ପ୍ରକଳ୍ପ ଥିଲା ନିଆରା। ବିଏମ୍‌ସିର ସରକାରୀ ପ୍ରାଥମିକ ବିଦ୍ୟାଳୟ ଭୀମପୁରର ୫ମ ଶ୍ରେଣୀର ପ୍ରକଳ୍ପଧାରୀ ଛାତ୍ରୀଙ୍କ ସୂଚନା ଅନୁସାରେ, ଲୋକମାନଙ୍କୁ ଓ ଜୀବଜନ୍ତୁଙ୍କୁ ଏହି ପ୍ରକଳ୍ପ ମାଧ୍ୟମରେ ଉଦ୍ଧାର କରାଯାଇପାରିବ। ଲୋକଙ୍କୁ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ନାଗଫାଶ ପାଇଁ ୧ରୁ ୫ ଲକ୍ଷ ଟଙ୍କା ଓ ଜୀବଜନ୍ତୁଙ୍କ ପାଇଁ ୫ରୁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ଏୟାର କମ୍ପ୍ରେସର, ଏୟାର ପାଇପ, ସିସିଟିଭି କ୍ୟାମେରା ସହ ଏଲଇଡି ଲାଇଟ୍, ଅକ୍ସିଜେନ ସିଲିଣ୍ଡର ସହ ପାଇପ, ଏଲ୍‌ସିଡି ମନିଟର, ଟୁଲ ବକ୍ସ, ମେଟାଲିକ ଟ୍ରାଇପଡ ଷ୍ଟାଣ୍ଡ, ପୁଲି ଆଣ୍ଡ ରିଉଣ୍ଡର, ଫାଷ୍ଟ ଏଡ ବକ୍ସ, ରେସ୍କୁ ଭ୍ୟାନର ଆବଶ୍ୟକତା ରହିଛି। ବିଭିନ୍ନ ସମୟରେ ନାଳ, ଗାତ, ନଳକୂପ ଗାତ, ବନ୍ୟା ଘେରରେ ପରିସ୍ଥିତି, ଉଚ୍ଚ ଅଟ୍ଟାଳିକାରେ ଲାଗିଥିବା ନିଆଁରୁ ମନୁଷ୍ୟ ଓ ଜୀବଜନ୍ତୁଙ୍କୁ ଏହି ଯନ୍ତ୍ର ସାହାଯ୍ୟରେ ସୁବିଧାରେ ବଞ୍ଚାଇ ଦିଆଯିବ ବୋଲି କହିଥିଲେ। ସେହିଭଳି ବାଣପୁର ଖଣତ ସରକାରୀ ୟୁଜିଏଚଏସ୍ ସ୍କୁଲର ଶୁଭଶ୍ମିତା ବରାଳଙ୍କ ନାଇଟ୍ରୋଜେନ ବ୍ୟାଟେରି ନିର୍ମାଣ କାର୍ଯ୍ୟ ସହ ଯବକ୍ଷାରଜାନ ବିବନ୍ଧନ କରି ପାରୁଛି। ବାୟୁ ମଣ୍ଡଳୀୟ ନାଇଟ୍ରୋଜେନ ଗ୍ୟାସର ବିନିଯୋଗ କରାଇ ଏକ ପ୍ରତ୍ୟାବର୍ତ୍ତୀ ରାସାୟନିକ ପ୍ରତିକ୍ରିୟା ମାଧ୍ୟମରେ କୃତ୍ରିମ ଯବକ୍ଷାରଜାନ ବିବନ୍ଧନ ସହ ବ୍ୟାଟେରି ନିର୍ମାଣ କରିପାରୁଛି। ଖୋର୍ଦ୍ଧା ବ୍ଲକ ହଳଦିଆ ହାଇସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ର ପ୍ରୀତ ଜଗଦୀଶ ଭଞ୍ଜଙ୍କ ବାୟୋ ଗ୍ୟାସ୍ ପ୍ଲାଣ୍ଟ ପ୍ରକଳ୍ପ ଅନେକ ଉପକାର କରେ। ଏହା ବୃକ୍ଷରୋପଣ, ଗୋପାଳନ, ପରିବେଶରୁ ବର୍ଜ୍ୟବସ୍ତୁ ସଂଗ୍ରହ ଓ ସହାୟକ ହେବ। ପ୍ରାରମ୍ଭିକ ଅଧିବେଶନରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଓ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ ଉଦ୍‌ଘାଟନ କରିଥିଲେ। ବିଜେବି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାସିନୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀ, ମୁଖ୍ୟ ଅତିଥି ଖୋର୍ଦ୍ଧା ମଣ୍ଡଳ ଶିକ୍ଷା ଅଧିକାରୀ ବୈଦ୍ୟନାଥ ସାହୁ, ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ କୁମାର ସିଂହ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନର ଉପଯୋଗିତା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ମଧ୍ୟାହ୍ନରେ ବିଜ୍ଞାନ ସେମିନାର୍‌ରେ ସେଞ୍ଚୁରିଆନ୍ ବିଶ୍ୱ ବିଦ୍ୟାଳୟର ପ୍ରଫେସର୍ ଆଶିଷ କୁମାର ସେନ ଓ ଅଧ୍ୟାପକ ଦିଲୀପ କୁମାର ବେହେରା ପ୍ରମୁଖ ପର୍ଯ୍ୟାୟ ସାରଣୀ ଓ ପରିବେଶ ଉପରେ ଆଲୋଚନା କରିଥିଲେ। ଗୁଣାତ୍ମକ ଶିକ୍ଷା ଅଧିକାରୀ ଅଦ୍ୱୈତ କୁମାର ବଳିୟାରସିଂହ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜିକା ଅମିତା ପଟ୍ଟନାୟକ, ଆଇଆଇଏମ୍‌ଟିର ବରିଷ୍ଠ ବୈଜ୍ଞାନିକ ତଥା ଅଧକ୍ଷ ବଙ୍କିମ ଚନ୍ଦ୍ର ତ୍ରିପାଠୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀ। ମେଳାରେ ବାଜପୁର ଉଚ୍ଚ ବିଦ୍ୟାଳୟର ସ୍ନେହମୟୀ ମହାରଥୀ ଇଣ୍ଟରନ୍ୟାଶନାଲ ପବ୍ଲିକ୍ ସ୍କୁଲ, ମୋଟାର ରଶ୍ମିତା ଉଦୟସିଂହ, ବୁଧନାଥ ହାଇସ୍କୁଲ, ବାଲିପାଟଣାର ମଧୁସ୍ମିତା ପାତ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ଈପ୍‌ସିତା ପ୍ରିୟଦର୍ଶିନୀ, ସରକାରୀ ପ୍ରାଥମିକ ବିଦ୍ୟାଳୟ ଭୀମପୁରର ସ୍ୱୟଂଶ୍ରୀ ସ୍ୱୟଂପ୍ରଭା ବସନ୍ତରାୟ, ବକ୍ସି ଜଗବନ୍ଧୁ ଇଂରାଜି ମାଧ୍ୟମିକ ବିଦ୍ୟାଳୟର ପ୍ରତ୍ୟାଶା ନନ୍ଦ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ଉନ୍ନୀତ ହୋଇଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଗାଣିତିକ ରାମାନୁଜଙ୍କ ଜନ୍ମ ତିଥିରେ ଜାନୁୟାରୀ ୨୧ ଓ ୨୨ରେ ଅନୁଗୋଳଠାରେ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବେ ବୋଲି ଘୋଷଣା କରାଯାଇଛି।



ନାଗଫାଶ ପ୍ରକଳ୍ପକୁ ଜଣେ ଛାତ୍ରୀ ପ୍ରଦର୍ଶିତ କରୁଛନ୍ତି ।

ସୋୟାବିନ୍ ବୋଝେଇ ବୋଲେରୋ ଲୁଟ୍ ଘଟଣା

# ୪ ଅଭିଯୁକ୍ତ ଜେଲ ଗଲେ

**ଖୋର୍ଦ୍ଧା ଅଫିସ,୧୭।୧୨:** ବାଣପୁର ଥାନା ଅଧୀନ ବାଣପୁର-ବାଲୁଗାଁ ରାସ୍ତାରେ ଗତ ନଭେମ୍ବରରେ ଲୁଟ୍ ହୋଇଥିବା ସୋୟାବିନ୍ ବଡି ବୋଝେଇ ବୋଲେରା ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଖୋର୍ଦ୍ଧା ଆଦର୍ଶ ଥାନା ମୁକୁନ୍ଦପ୍ରସାଦ ବାଇପାସର ସେରଜ ଉଦ୍ଦିନ ଖାନ ଓରଫ ସେର(୩୦), ମୁକୁନ୍ଦପ୍ରସାଦର ଅବଦୁଲ ମନସର ଓରଫ ଅବୁଲ(୨୪) ଓ ସମୀର ଖାନ ଓରଫ ସୁନିଲ(୨୬), କେରଙ୍ଗ ଗାଁର ଏସ୍.କେ. ମେନାହର ଓରଫ ଗୁଲୁ(୪୬)ଙ୍କର ଜାମିନ ନାମଞ୍ଜୁର ପରେ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଲୁଟେରାଙ୍କଠାରୁ ଲୁଟ୍ ହୋଇଥିବା ବୋଲେରୋ (ନଂ. ଓଡି୦୭ୟୁ ୬୪୧୮)କୁ ଚୋରି କାର୍ଯ୍ୟରେ ବ୍ୟବହୃତ ୪ ଚକିଆ କ୍ୱାଲିସ୍ ଭେଇକିଲ, ଖଣ୍ଡା, ଲୁହା କାତି ଜବତ ହୋଇଛି। ଜିଲା ପୋଲିସ କାର୍ଯ୍ୟାଳୟରେ ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରସାଦ ସ୍ୱାଇଁଙ୍କ ଖବରଦାତା ସମ୍ମିଳନୀର ସୂଚନା ଅନୁସାରେ, ନଭେମ୍ବର ୨୯ ବିଳମ୍ବିତ ରାତିରେ ବାଲୁଗାଁ-ବାଣପୁର ବାଇପାସରେ ଏକ ସୋୟାବିନ୍ ବୋଝେଇ ବୋଲେରୋ ଲୁଟ୍ ହୋଇଥିଲା। ଲୁଟେରାମାନେ ବୋଲେରୋ ସମ୍ମୁଖରେ ୪ ଚକିଆ କ୍ୱାଲିସି ଗାଡି ରଖି ସୋୟାବିନ ବୋଝେଇ ଗାଡି ଲୁଟ୍ କରିଥିଲେ। ଏପରି କି ଡ୍ରାଇଭରଙ୍କଠାରୁ ୩ ହଜାର ଟଙ୍କା, ଏଟିଏମ୍ କାର୍ଡ ସହ ଅନ୍ୟ କାଗଜପତ୍ର ଲୁଟି ନେଇଥିଲେ। ବୋଲେରୋ ଗାଡି ମାଲିକ ରାଜେନ୍ଦ୍ର ସାହୁଙ୍କ ଅଭିଯୋଗକ୍ରମେ ଟାଙ୍ଗୀ ଥାନା ପୋଲିସ ଦଫା ୩୯୪ ଆଇପିସି, ୨୫ ଆର୍ମସ ଆକ୍ଟରେ ନଂ. ୩୩୪/୧୯ରେ ମାମଲା ରୁଜୁ କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁସାରେ ୨ଟି ଟିମ୍ ଗଠନ କରାଯାଇ ତଦନ୍ତ କରାଯାଇଥିଲା। ବାଲୁଗାଁ ଏସ୍‌ଡିପିଓ ଏସ.କେ. ଦାସ, ଆଇଆଇସି ବାଣପୁର ସଞ୍ଜୟ ପଟ୍ଟନାୟକ, ଏସ୍‌ଆଇ ଉମାକାନ୍ତ ସାହୁ, ଦିଗ୍‌ବିଜୟ ବିଶ୍ୱାଳ, ପ୍ରସନ୍ନ କୁମାର ଜେନା, ଏଏସ୍‌ଆଇ ଶ୍ରୀନିବାସ ପ୍ରଧାନ, ମହେନ୍ଦ୍ର ସେଠୀ ପ୍ରମୁଖ ଏହି ଟିମ୍‌ରେ ଥିଲେ।

# ଜିଲାପାଳଙ୍କୁ ଫେରାଦ ହେଲେ ଫନୀ ବିପନ୍ନ



ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା ଦଧିମାଛଗଡିଆର ମହିଳାମାନେ ।

**ଖୋର୍ଦ୍ଧା ଅଫିସ,୧୭।୧୨:** ବାତ୍ୟା ଫନୀ ଦ୍ୱାରା ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଦଧିମାଛଗାଡିଆ ଗାଁର ଆଦିବାସୀଙ୍କୁ ଅଣଦେଖା କରାଯାଉଛି। ଏଠାରେ ଆଦିବାସୀଙ୍କର ଫନୀରେ ଘର ଭାଙ୍ଗି ଯାଇଥିଲେ ମଧ୍ୟ ପ୍ରଶାସନ ସ୍ତରରେ ସହଯୋଗ ମିଳୁନି। ସରକାର ଆଦିବାସୀଙ୍କ ପାଇଁ ବିଭିନ୍ନ ଯୋଜନା କରଛନ୍ତି। ହେଲେ ପ୍ରଶାସନ ପକ୍ଷରୁ ସ୍ୱଚ୍ଛଳ ବର୍ଗଙ୍କୁ ଗୁରୁତ୍ୱ ଦିଆଯାଇ ଆଦିବାସୀଙ୍କୁ ଅଣଦେଖା କରିବା ଅସନ୍ତୋଷ ସୃଷ୍ଟି କରି ଚାଲିଛି। ବିଭିନ୍ନ ଏନ୍‌ଜିଓ ଓ ସରକାରୀ ଅଫିସର ସ୍ୱଚ୍ଛଳ ବର୍ଗଙ୍କୁ ରିଲିଫ୍ ସାମଗ୍ରୀ ଓ ଘରଉପକରଣ ଦେବା ଠିକ୍ ନୁହେଁ। ଏ ଦିଗରେ ପଦକ୍ଷେପ ନେଇ ଆଦିବାସୀଙ୍କୁ ସରକାରୀ ସହାୟତା ସମେତ ରିଲିଫ୍ ସାମଗ୍ରୀ ଓ ଘରଉପକରଣ ଯୋଗାଇ ଦେବାକୁ ଜିଲାପାଳଙ୍କ ନିକଟରେ ଗାଁର ଆଦିବାସୀ ମହିଳାମାନେ ଫେରାଦ ହୋଇଛନ୍ତି।

■ ଖୋର୍ଦ୍ଧା ମହୋତ୍ସବର ୨ୟ ସନ୍ଧ୍ୟା

# ମହିଳା ପାଇକ ଆଖଡ଼ା ମନ ମୋହିଲା



ମହୋତ୍ସବରେ ମା’ ଚିଲିକାରାଣୀ ମହିଳା ପାଇକ ଆଖଡା ପକ୍ଷରୁ ସମର କଳା ପ୍ରଦର୍ଶିତ କରାଯାଉଛି ।

**ଖୋର୍ଦ୍ଧା ଅଫିସ,୧୭।୧୨:**

ଖୋର୍ଦ୍ଧା ଷ୍ଟାଡିୟମରେ ୨୦ତମ ଖୋର୍ଦ୍ଧା ମହୋତ୍ସବ ଚାଲିଛି। ଏହାର ଦ୍ୱିତୀୟ ସନ୍ଧ୍ୟାରେ ମା’ ଚିଲିକାରାଣୀ ମହିଳା ପାଇକ ଆଖଡା ଦର୍ଶକଙ୍କୁ ବିଭୋର କରିଥିଲା। ସ୍ଥାନୀୟ ଅର୍ଜ୍ଜୁନପୁର କଳାକାରମାନଙ୍କ ଦ୍ୱାରା ପରିବେଶିତ ଗୋଟିପୁଅ ନୃତ୍ୟ ଅନ୍ୟତମ ଚିତ୍ତାକର୍ଷକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୁରୁଜଙ୍ଗର ନୃତ୍ୟଶ୍ରୀ, ସମରକଳା, ଓଡ଼ଗାଁର ରଘୁନାଥ ନୃତ୍ୟାୟନି, ଗୁରୁଜଙ୍ଗର ମହାବୀର, ଡ୍ୟାନ୍ସ ଗ୍ରୁପ ସେମାନଙ୍କର ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମଞ୍ଚ ନିକଟରେ ବାନ୍ଧି ରଖି ପାରିଥିଲେ। ସେହିପରି ମହୋତ୍ସବରେ ନୂତନ ଭାବେ ସ୍ଥାନ ପାଇଥିବା ରେଞ୍ଜର ଦୋଳିରେ ବସିବା ପାଇଁ ଯୁବପିଢିଙ୍କର ଭିଡ଼ ଲାଗିଥିବା ଦେଖିବାକୁ ମିଳିଥିଲା। କୁନି କୁନି ପିଲାମାନଙ୍କ ପାଇଁ ୱାଟର ବୋଟିଂ ପାର୍କରେ ଅଭିଭାବକ ଓ ପିଲାମାନଙ୍କର ଲମ୍ବା ଲାଇନ ଲାଗିଥିଲା। ସେହିପରି ଫୁଡ୍ ବଜାରରେ ମଧ୍ୟ ବ୍ୟବସାୟ ଜମିଥିଲା।

### ଏକାମ୍ର କ୍ଷେତ୍ର ସୌନ୍ଦର୍ଯ୍ୟକରଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ପୁରୁଣା ଭୁବନେଶ୍ୱର ,୧୭। ୧୨ (ଡି.ଏନ.ଏ.)**

ଏକାମ୍ର କ୍ଷେତ୍ର ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ତଥା ବିଶ୍ୱ ଏତିହ୍ୟ ମାନ୍ୟତା ନେଇ ବହୁମୁଖୀ ଯୋଜନାର ସଫଳ ରୂପାୟନ ଲାଗି ମଙ୍ଗଳବାର ବିଭିନ୍ନ ସାମାଜିକ ସଙ୍ଗଠନ, ବ୍ୟବସାୟୀ ଏବଂ ବୁଦ୍ଧିଜୀବୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି। ଏହା କାର୍ଯ୍ୟକାରୀ ହେଲେ ପର୍ଯ୍ୟଟନର ଦ୍ରୁତ ବିକାଶ ହୋଇପାରିବ। ବିଶେଷ କରି ସେବାୟତ ଗୋଷ୍ଠୀଙ୍କର ଉପାର୍ଜନ ବୃଦ୍ଧି ପାଇବା ସହ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ଆଗମନ ବଢିବ। ଉଚ୍ଛେଦ ହୋଇଥିବା ସମସ୍ତଙ୍କୁ ଉପଯୁକ୍ତ ଥଇଥାନ କରିବା ତଥା ଆର୍ଥିକ ଅନୁଦାନ ବ୍ୟବସ୍ଥା କରିଥିବା ଯୋଗୁ ବହୁ ବ୍ୟବସାୟୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ସମସ୍ତେ ସ୍ୱାଗତ କରିଥିଲେ। ମାତ୍ର ଉଚ୍ଛେଦ କରାଯାଉଥିବା ଅଞ୍ଚଳରେ କେତେକ ସମୟରେ ପାତରଅନ୍ତର କରାଯାଉଥିବାରୁ କେତେଜଣ ବ୍ୟବସାୟୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବ୍ୟବସାୟୀଙ୍କ ମତରେ ସାଧାରଣ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଉଥିବା ସ୍ଥଳେ ପାପନାଶିନୀ ପରି ଐତିହ୍ୟ ନିକଟରେ କେତେଗୋଟି କ୍ୟାବିନ ଓ ପିଣ୍ଡି ଭାଙ୍ଗି ଅନ୍ୟ ପ୍ରତି ପତିଶାଳୀଙ୍କ ଦୋକାନ ଗୃହଗୁଡିକୁ ମିଳିତ ଉଚ୍ଛେଦ ଟିମ୍ ଜାଣିଶୁଣି ଛାଡି ଦେଇଛନ୍ତି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ନେତୃତ୍ୱରେ ପୁରୁଣା ଭୁବନେଶ୍ୱର ବ୍ୟବସାୟୀ ସଂଘ ଉପଦେଷ୍ଟା ରଞ୍ଜିତ ମହାପାତ୍ର, ସଭାପତି ଟୁଟୁ ପଣ୍ଡା, ସମ୍ପାଦକ ଅନୂପ ମହାପାତ୍ର, ସୁରେଶ ପୂଜାପଣ୍ଡା, ପ୍ରମୋଦ ମହାପାତ୍ର ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

■ ଦସ୍ତଖତ ତନଖି କାର୍ଯ୍ୟରେ ବିଳମ୍ବ

# ଆଗତ ହୋଇପାରୁନି ଅନାସ୍ଥା ପ୍ରସ୍ତାବ

**ଖୋର୍ଦ୍ଧା ଅଫିସ,୧୭।୧୨:** ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଗମ୍ଭାରୀମୁଣ୍ଡା ଅଞ୍ଚଳରେ ଅଢେଇବର୍ଷ ପରେ ଦେଖାଦେଇଛି ରାଜନୈତିକ ସରଗରମ। ସରପଞ୍ଚଙ୍କୁ ଗାଦିଚ୍ୟୁତ କରିବାକୁ ପଞ୍ଚାୟତର ୧୧ ଜଣ ୱାର୍ଡ ମେମ୍ବରଙ୍କ ମଧ୍ୟରୁ ୮ଜଣ ଖୋର୍ଦ୍ଧା ଜିଲା ଉପଜିଲାପାଳଙ୍କୁ ଅନାସ୍ଥା ପ୍ରସ୍ତାବ ଆଗତ କରିବାକୁ ଅଭିଯୋଗ କରିଛନ୍ତି। ତେବେ ଆବେଦନପତ୍ରରେ ସ୍ୱାକ୍ଷର କରିଥିବା ୱାର୍ଡ ମେମ୍ବରମାନଙ୍କ ଦସ୍ତଖତ ଯାଞ୍ଚ କରି ରିର୍ପୋଟ ଦେବାକୁ ଉପଜିଲାପାଳ ବାଣପୁର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବିଡିଓ ଏ ନେଇ ସମୟ ଗଡାଇ ଚାଲିଥିବାରୁ ପଞ୍ଚାୟତରେ ଉତ୍ତେଜନା ପ୍ରକାଶ ପାଇଛି। ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଗମ୍ଭାରୀମୁଣ୍ଡା ସରପଞ୍ଚ ଭାବେ ବିମଳ କୁମାର ପଟ୍ଟନାୟକ ନିର୍ବାଚିତ ହୋଇଥିଲେ। ୱାର୍ଡ ମେମ୍ବରଙ୍କ ମଧ୍ୟରୁ ଜ୍ୟୋସ୍ନାରାଣୀ ମହାରଥା ନାଏବ ସରପଞ୍ଚ ଭାବେ ମନୋନୀତ ହୋଇଥିଲେ। ତେବେ ଦୀର୍ଘ ଅଢେଇ ବର୍ଷ ଧରି ସରପଞ୍ଚ ପଞ୍ଚାୟତରେ ମନମୁଖି କାର୍ଯ୍ୟକଳାପ ଚଳାଇଥିଲେ। ପଞ୍ଚାୟତ ବୈଠକରେ ପ୍ରସ୍ତାବଗୁଡିକର ଆଲୋଚନା ନ କରି କିମ୍ବା ଗୃହୀତ ନ କରାଇ ନିଜ ଇଚ୍ଛା ମୁତାବକ ମନମୁଖି କାର୍ଯ୍ୟ ଚଳାଇଥିବା ନାଏବ ସରପଞ୍ଚ ଜ୍ୟୋସ୍ନାରାଣୀଙ୍କ ସମେତ କେତେଜଣ ୱାର୍ଡ ମେମ୍ବର ଅଭିଯୋଗ କରି ଆସୁଥିଲେ। ଗତ ୨ ତାରିଖରେ ପଞ୍ଚାୟତର ଖିଲାମୁଣ୍ଡା ଠାକୁରାଣୀଙ୍କ ମନ୍ଦିରରେ ନାଏବ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ୭ ୱାର୍ଡ ମେମ୍ବର ସଭା କରି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବାକୁ ଉପଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ। ତୁରନ୍ତ ତନଖି କାର୍ଯ୍ୟ ଶେଷ କରି ଅନାସ୍ଥା ପ୍ରସ୍ତାବ ଆଗତ କରିବାକୁ ୱାର୍ଡ ମେମ୍ବରମାନେ ଉପଜିଲାପାଳଙ୍କୁ ଅନୁରୋଧ କରିଛନ୍ତି ।

# ରାଜ୍ୟସ୍ତରୀୟ ଫୁଟବଲ :ମଙ୍ଗଳା କ୍ଲବ ବିଜୟୀ

**ବୋଲଗଡ,୧୭।୧୨(ଡି.ଏନ.ଏ.):**

ବୋଲଗଡ ବାମନ ଉଚ୍ଚ ବିଦ୍ୟାଳୟର ମିନି ଷ୍ଟାଡିୟମରେ ଚାଲିଥିବା ଜାନକୀ ପାଢୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ୪ର୍ଥ ଲିଗ ମ୍ୟାଚ କୁଜଙ୍ଗ ଆଥ୍‌ଲେଟିକ ଆସୋସିଏଶନ ଏବଂ କଟକର ମଙ୍ଗଳା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ୫-୨ ଗୋଲ ବ୍ୟବଧାନରେ କଟକର ମଙ୍ଗଳା କ୍ଲବ ବିଜୟୀ ହୋଇଛି। ପ୍ରଶାନ୍ତ କୁମାର ପାଲ ଖେଳ ପରିଚାଳନା କରିଥିଲା ବେଳେ ଲକ୍ଷ୍ମୀଧର ଚୌଧୁରୀ ଓ ସୁକାନ୍ତ ପ୍ରଧାନ ଲାଇନ୍ସରେ ସହାୟତା କରିଥିଲେ। ସୁଶାନ୍ତ କୁମାର ବେହେରା ୪ର୍ଥ ରେଫରି କାର୍ଯ୍ୟ ତୁଲାଇଥିଲେ। ଅତିଥି ଭାବେ ବୋଲଗଡ ବିଡିଓ ଏଲିଜା ମିଶ୍ର, ସାମାଜିକ କର୍ମୀ ଭାଗୀରଥି ବେହେରା ଓ ଆଇନଜୀବୀ ବୀରକିଶୋର ଦାସ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ବୋଲଗଡ଼ ମହୋତ୍ସବ -୨୦୧୯ ପାଇଁ ସ୍ୱର ପ୍ରତିଭା ଚୟନ

**ବୋଲଗଡ,୧୭।୧୨(ଡି.ଏନ.ଏ.)**

ବୋଲଗଡ ମହୋତ୍ସବ ଆଶା-୨୦୧୯ ପାଇଁ ସ୍ୱର ପ୍ରତିଭା ଚୟନ କାର୍ଯ୍ୟକ୍ରମ ସ୍ଥାନୀୟ ନନ୍ଦିଘୋଷ ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ସୌଜନ୍ୟରେ ଆୟୋଜିତ ଏହି ପ୍ରତିଭା ଚୟନ କାର୍ଯ୍ୟକ୍ରମରେ ୩୬ ଜଣ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅବିନାଶ ସୁବୁଦ୍ଧି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ବରିଷ୍ଠ ବର୍ଗରେ ପ୍ରଜ୍ଞା ପାରମିତା ପ୍ରିୟଦର୍ଶିନୀ ପ୍ରଥମ, ଚିନ୍ମୟ କୁମାର ରାଉତ ଦ୍ୱିତୀୟ ଓ ଦିଲୀପ କୁମାର ଲେଙ୍କା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କନିଷ୍ଠ ବର୍ଗରେ ସୌମ୍ୟରଞ୍ଜନ ରାଉତ ପ୍ରଥମ, ତନ୍ମୟ ମହାପାତ୍ର ଦ୍ୱିତୀୟ ଓ ପ୍ରଭାସ କୁମାର ଓଝା ତୃତୀୟ ସ୍ଥାନ ପାଇଛନ୍ତି। ଅନୁରୂପ ଭାବେ ଉପକନିଷ୍ଠ ବର୍ଗରେ ସନ୍ଦିପ ମହାନ୍ତି ପ୍ରଥମ, ଶୁଭଶ୍ରୀ ପ୍ରଧାନ ଦ୍ୱିତୀୟ, ସ୍ୱପ୍ନାରାଣୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟପକ୍ଷରେ ୨୬ ରୁ ୩୦ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୧୬ତମ ବୋଲଗଡ ମହୋତ୍ସବ (ଆଶା)-୨୦୧୯ର ପ୍ରଦର୍ଶନୀ ମଣ୍ଡପରେ ଆବାହନୀ ସ୍ୱାଗତ ସଙ୍ଗୀତ ପରିବେଷଣ ପାଇଁ ୧୦ ଜଣଙ୍କୁ ମନୋନୀତ କରାଯାଇଛି। ବିଶିଷ୍ଟ ତବଲା ଗୁରୁ ବୈକୁଣ୍ଠନାଥ ସାହୁ, କଣ୍ଠଶିଳ୍ପୀ ପ୍ରାଣକୃଷ୍ଣ ମହାରଣା ଓ ଗଦାଧର ବିଶ୍ୱାଳ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ଐତିହାସିକ ରବୀନ୍ଦ୍ର କୁମାର ପରିଡା ଏବଂ ସମବାୟବିତ ଲଲାଟେନ୍ଦୁ କେଶରୀ ସିଂହ ଓ ଅଧ୍ୟାପକ ଗାନ୍ଧୀ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ।

■ ଖୋର୍ଦ୍ଧାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

# ଗୁଳିକାଣ୍ଡ ସହ ବଢ଼ିଚାଲିଛି ବ୍ରାଉନ୍‌ସୁଗାର

**ଖୋର୍ଦ୍ଧା ଅଫିସ,୧୭।୧୨:**

ଖୋର୍ଦ୍ଧାରେ ଗୁଳିକାଣ୍ଡ ସହ ବ୍ରାଉନସୁଗାର କାରବାର ବଢି ଚାଲିଛି। ଅତୀତର ଇତିହାସ, ଗୌରବମୟ ଗାଥା, ପରମ୍ପରା, ସଂସ୍କୃତି, ପର୍ଯ୍ୟଟନ ତଥା ଭାଇଚାରାର ନିଦର୍ଶନକୁ ନେଇ ଜାତୀୟ ସ୍ତରରେ ନୂତନ ପରିଚୟ ସୃଷ୍ଟି କରିଛି। ତେବେ ଖୋର୍ଦ୍ଧାରେ ଆଇନଶୃଙ୍ଖଳା ବିଗିଡି ଚାଲିବା ସହ ବ୍ରାଉନସୁଗାର ବଳୟରେ ରହିବା ଚର୍ଚ୍ଚାର କାରଣ ପାଲଟିଛି ବୋଲି ଭାଜପା ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବା ସହ ସ୍ମାରକପତ୍ର ଦେଇଛନ୍ତି। ଅଭିଯୋଗ ଅନୁସାରେ, ପ୍ରାୟ ଦୁଇ ବର୍ଷ ହେଲା ଖୋର୍ଦ୍ଧାରେ କଥାକଥାକେ ଗୁଳି ଫୁଟୁଛି। ହତ୍ୟାକାଣ୍ଡ ଏଠାରେ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି। ୨୦୦୮ରେ ଦଶପୁରିଆଙ୍କ ମା’ଙ୍କ ହତ୍ୟାକାଣ୍ଡ ଓ ୨୦୧୯ରେ ଭାଜପା ନେତା ମଙ୍ଗୁଳି ଜେନାଙ୍କ ହତ୍ୟାକାଣ୍ଡ ଶୀତଳଭଣ୍ଡରରେ ପଡିରହିଛି। ଏହି ଦୁଇ ସ୍ୱର୍ଶକାତର ହତ୍ୟାକାଣ୍ଡକୁ କ୍ରାଇମବ୍ରାଞ୍ଚକୁ ଦେଇ ଜିଲା ପୋଲିସ ନୀରବତା ଅବଲମ୍ବନ କରିଛି। ଏବେ ସକାଳୁ ରାତି ପର୍ଯ୍ୟନ୍ତ ବ୍ରାଉନସୁଗାର ଖୋର୍ଦ୍ଧା ସହର ସମେତ ଖୋର୍ଦ୍ଧା ପୋଲିସ ଜିଲାରେ ଚାଲିଲାଣି। ଯଦ୍ଦ୍ୱାରା ଚୋରି, ଡକାୟତି, ଗୁଳିକାଣ୍ଡ ବଢି ଚାଲିଛି। ଅନ୍ୟପକ୍ଷେ ଲୋକପ୍ରିୟ ଡାକ୍ତର ଓ ଔଷଧ ଦୋକାନୀଙ୍କୁ ଗୁଳି ଜିଲାବାସୀଙ୍କୁ ଭୟଭୀତ କରିଛି। ଗୋଟିଏ ଜୀବନ ମଧ୍ୟ ଚାଲିଗଲାଣି। ବାରମ୍ବାର ଖୋର୍ଦ୍ଧାବନ୍ଦ, ଆନ୍ଦୋଳନ କଲେ ମଧ୍ୟ ସୁଫଳ ମିଳୁନି। ପୋଲିସର ରାତ୍ରକାଳୀନ ପାଟ୍ରୋଲିଂ ହେଉନି। ୫-ଟିର ବାହାନା ନେଇ ସବୁ କିଛି ଠିକଠାକ ଚାଲିଛି କହିବା ଠିକ୍ ନୁହେଁ। ଏଣୁ ଗୁଳିମାଡ ଘଟଣା ସହ ଅନ୍ୟ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କ ଗିରଫ, ସହର, ରାଜପଥ ସମେତ ବିଭିନ୍ନ ଅଞ୍ଚଳରେ ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥା, ନିଶା ବେପାରୀଙ୍କୁ ସାବାଡ କରିବା ପରି ଦାବି ଭାଜପା ରଖିଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, ରାଜ୍ୟ ପରିଷଦ ସଦସ୍ୟ ରଘୁନାଥ ସାହୁ, ଓବିସି ମୋର୍ଚ୍ଚା ରାଜ୍ୟ ସମ୍ପାଦକ କେଳୁ ଚରଣ ଜଗଦେବ, ଖୋର୍ଦ୍ଧା ମଧ୍ୟ ମଣ୍ଡଳୀ ସଭାପତି ମାନସ ପଟ୍ଟନାୟକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

### ଏସ୍‌ପିଙ୍କୁ ଭେଟି ଫେରାଦ ହେଲା ଭାଜପା



ଏସପି ଅଜେୟ ପ୍ରତାପ ସ୍ୱାଇଁ ଙ୍କୁ ଭାଜପା ପକ୍ଷରୁ ଦାବିପତ୍ର ଦିଆଯାଉଛି ।



ରାଗ, ଦ୍ୱେଷ, ଈର୍ଷା, ମନ ଭିତରେ ଥିଲେ
ପୂଜା ପାଠ, ଭଜନ କୀର୍ତ୍ତନ ନିରର୍ଥକ।
-ସନ୍ଥ ଏକନାଥ



## ସଂକ୍ଷେପରେ

### ଡାଲସାର ସହଯୋଗରେ ଘରକୁ ଫେରିଲା ପୁଅ

ପୁରୀ ଅଫିସ, ୧୭।୧୨:ପୁରୀ ଜିଲା ଆଇନ ସେବା ପ୍ରାଧିକରଣ(ଡାଲସା)ର ସହଯୋଗରେ ପୁରୀ ସହରରେ ଗତ କିଛିଦିନ ଧରି ଅସହାୟ ଅବସ୍ଥାରେ ବୁଲୁଥିବା ଜଣେ ୧୫ବର୍ଷୀୟ ବାଳକଙ୍କୁ ମଙ୍ଗଳବାର ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଉଦ୍ଧାର ନାବାଳକ ଗୋପ ଥାନା ଅଞ୍ଚଳର ବୋଲି ଜଣାପଡିଛି। ମିଳିଥିବା ସୂଚନା ପ୍ରକାରେ ପୁରୀ ସଦର ଥାନା ନାଗପାଟଣା ଅଞ୍ଚଳରେ ଜଣେ ନାବାଳକ ବୁଲୁଥିବା ଦେଖି ପାରା ଲିଗାଲ ସେଲ୍ ସ୍ୱେଚ୍ଛାସେବୀ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ନାବାଳକଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ପଚରାଉଚୁରା ବେଳେ ସେ ଘରୁ ପଳାଇ ଆସିଥିବା କହିଥିଲେ। ଏନେଇ କାର୍ତ୍ତିକ ଆଇନ ସେବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ରଙ୍କ ସହ ଯୋଗାଯୋଗ କରିଥିଲେ। ମହାପାତ୍ର ତୁରନ୍ତ ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଚାଇଲ୍ଡ ଲାଇନକୁ ଖବରଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଟିମ୍ ନାବାଳକଙ୍କୁ ଉଦ୍ଧାର କରିଥିଲେ। ଜିଲା ଶିଶୁ ମଙ୍ଗଳ କମିଟି ନିକଟରେ ହାଜର ପରେ ନାବାଳକଙ୍କୁ ନରେନ୍ଦ୍ରକୋଣସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଥିଲା। ପରେ ମହାପାତ୍ର ନାବାଳକଙ୍କ ପରିବାର ସହ ଯୋଗାଯୋଗ କରିଥିଲେ। ଖବର ପାଇ ନାବାଳକଙ୍କ ମା' ବାଳାଶ୍ରମରେ ପହଞ୍ଚିଥିଲେ। ସମସ୍ତ ସରକାରୀ ନୀତିନିୟମ ପରେ ନାବାଳକଙ୍କୁ ମା'ଙ୍କୁ ହସ୍ତାନ୍ତର କରାଯାଇଥିଲା। ଏନେଇ ମହାପାତ୍ର କୁହନ୍ତି, କୌଣସି ନାବାଳକଙ୍କୁ ଅସହାୟ ଅବସ୍ଥାରେ ଦେଖିଲେ ତାଙ୍କୁ ସହଯୋଗର ହାତ ବଢ଼ାନ୍ତୁ। ତୁରନ୍ତ ଶିଶୁ ସୁରକ୍ଷା ୟୁନିଟ ଅଥବା ପୋଲିସକୁ ଖବର ଦିଅନ୍ତୁ। ଏହା ଦ୍ୱାରା ଶିଶୁର ଉପଯୁକ୍ତ ଯତ୍ନ ଓ ସୁରକ୍ଷା ନିଆଯାଇପାରିବ ବୋଲି ମହାପାତ୍ର କହିଛନ୍ତି।

### ସମିତିସଭ୍ୟଙ୍କୁ ଆକ୍ରମଣ ଘଟଣା: ଯୁବକ ଗିରଫ

ନିମାପଡ଼ା,୧୭।୧୨(ଡି.ଏନ୍.ଏ.): ନିମାପଡ଼ା ଥାନା ଅର୍ନ୍ତଗତ ଅରିଷଣ ପଞ୍ଚାୟତର ସମିତିସଭ୍ୟ ରାହୁଲ ନାୟକଙ୍କୁ ଆକ୍ରମଣ ଘଟଣାରେ ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଅରିଷଣ ଗ୍ରାମର ସଦାଶିବ ବିଶ୍ୱାଳ ଓରଫ୍ ବୁନା। ସୂଚନା ଅନୁଯାୟୀ, ଗତ ୯ତାରିଖରେ କୌଣସି କାରଣକୁ ନେଇ ସଦାଶିବ ମଦ୍ୟପାନକରି ସମିତି ସଭ୍ୟ ନାୟକ ଓ ତାଙ୍କ ସ୍ତ୍ରୀ, ମା'ଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ନାୟକ ଏହାକୁ ବିରୋଧ କରିବାରୁ ସଦାଶିବ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ନାୟକ ଆହତ ହୋଇଥିଲେ। ଏ ନେଇ ସେ ଗତ ୧୨ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ.୩୧୯/୧୯)ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା।

### ବାଲି ନୋଳିଆସାହି ବାସିନ୍ଦାଙ୍କ କ୍ୟାଣ୍ଡେଲ ଶୋଭାଯାତ୍ରା

ପୁରୀ ଅଫିସ, ୧୭।୧୨ : ସମୁଦ୍ରକୂଳ ଥାନା ଅଧୀନ ବାଲି ନୋଳିଆସାହିର ଜଣେ ମହିଳାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିରେ ସ୍ୱାମୀଙ୍କ ସମ୍ପୃକ୍ତି ନେଇ ମହିଳାଙ୍କ ପରିବାର ଲୋକେ ଅଭିଯୋଗ କରିବାରୁ ପୋଲିସ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲଣ ପରେ ଜେଲ ହାଜତକୁ ପଠାଇଦେଇଛି। ତାଙ୍କ ସ୍ମୃତିରେ ମଙ୍ଗଳବାର ବାଲି ନୋଳିଆସାହିର ଶତାଧିକ ମହିଳା, ଯୁବକ, ସ୍ଥାନୀୟ ବାସିନ୍ଦା ସାହିରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ବେଳାଭୂମିରେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

### ପାଲା ଗାୟକ ସମ୍ମିଳନୀ ଉଦ୍‌ଯାପିତ

କୋଣାର୍କ,୧୭।୧୨(ଡି.ଏନ.ଏ.): ରାମଚଣ୍ଡୀ ଥାନା ନିକଟସ୍ଥ ଟିକନାଠାରେ ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦର ଶାଖା ଅଖଣ୍ଡ ପୁରୀ ଜିଲା ଏବଂ ପ୍ରଶାଖା ଅର୍କମଣ୍ଡଳ ପାଲା ଗାୟକ ପରିଷଦର ମିଳିତ ଭାବେ ଦୁଇଦିନ ଧରି ଚାଲିଥିବା ସାଂସ୍କୃତିକ ପଲ୍ଲୀ ବାର୍ଷିକ ସମ୍ମିଳନୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଜିଲାର ସମସ୍ତ ଉପସ୍ଥିତ କଳାକାରମାନଙ୍କୁ ରାମଚନ୍ଦ୍ର ବେହେରା ସ୍ମୃତି ସମ୍ମାନ ପ୍ରଦାନ କରିଥିଲେ। ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ପାଲା ସଂସ୍କୃତିର ବିକାଶ ଉପରେ ଚର୍ଚ୍ଚା କରିଥିଲେ।

■ ଶ୍ରୀକ୍ଷେତ୍ର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ସାହିଯାତ ସଂସ୍କୃତି ଶ୍ରୀକ୍ଷେତ୍ରକୁ ଗୌରବାନ୍ୱିତ କରିଛି

■ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକୁଛି ମୁକ୍ତାକାଶ

■ନାଗା, ବିହୁ ଓ ଲୋକନୃତ୍ୟ ଆକର୍ଷଣ





ପୁରୀ ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା ଶ୍ରୀକ୍ଷେତ୍ର ମହୋତ୍ସବରେ କଳାକାରମାନେ କାଳିମେଢ଼ ଓ ନାଗା ନୃତ୍ୟ ପରିବେଷଣ କରୁଛନ୍ତି।

ପୁରୀ ଅଫିସ, ୧୭।୧୨ :

ଶ୍ରୀକ୍ଷେତ୍ରର ଅନନ୍ୟ ପରମ୍ପରା ହେଉଛି ସାହିଯାତ ସଂସ୍କୃତି। ଏହିସଂସ୍କୃତିରାଜ୍ୟ ତଥା ରାଜ୍ୟ ବାହାରେ ମଧ୍ୟ ଆଦୃତି ଲାଭ କରିଛି। ସାହିଯାତ ସଂସ୍କୃତି ବିକଶିତ ଲାଗି ସାମୂହିକ ଉଦ୍ୟମ ଲୋଡ଼ା ବୋଲି ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚଠାରେ ଚାଲିଥିବା ଶ୍ରୀକ୍ଷେତ୍ର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଅତିରିକ୍ତ ଜିଲାପାଳ(ଏଡିଏମ୍) ପ୍ରଦୀପ ସାହୁ। ଏଥିସହ ସାହିଯାତ ସଂସ୍କୃତିର ବିକାଶ ଉପରେ ଗୁରୁତ୍ୱ ଦେଇ ଯୁବପିଢ଼ିଙ୍କ ମଧ୍ୟରେ ଏଥିପ୍ରତି ଆଗ୍ରହ ସୃଷ୍ଟି ଲାଗି ସେ ପରାମର୍ଶ ଦେଇଥିଲେ। ଜାଗା ଆଖଡ଼ା ସଂସ୍କୃତି ଉଜ୍ଜୀବିତ ରହିଲେ ଏହି ସଂସ୍କୃତି ବିକାଶ ଲାଭ କରିବ ବୋଲି ସେ କହିଥିଲେ। ମହୋତ୍ସବର ଆୟୋଜକ କୁଣ୍ଡେଇବେଣ୍ଟ ସାହି ପଥର ଆଖଡ଼ା ସଭାପତି ସାହି ନାୟକ ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, କମିଟି କାର୍ଯ୍ୟକାରୀ ସଭାପତି ବାବାଜୀ ମହାପାତ୍ର, କାର୍ଯ୍ୟକାରୀ ସମ୍ପାଦକ ପ୍ରଫୁଲ୍ଲ ସାମନ୍ତରାୟ, ସଙ୍ଗଠନ ସମ୍ପାଦକ ଜଗନ୍ନାଥ ମହାପାତ୍ର, କମିଟି ଉପାଧ୍ୟକ୍ଷ ରବୀନ୍ଦ୍ରନାଥ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। କମିଟିର ଯୁଗ୍ମ ସମ୍ପାଦକ ତଥା ବରିଷ୍ଠ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ସଭା ପରିଚାଳନା କରିଥିଲେ। କମିଟି ସଦସ୍ୟମାନେ ସାଂସ୍କୃତିକ ମଞ୍ଚ ପରିଚାଳନା କରିଥିଲେ।

ଦ୍ୱିତୀୟ ଦିବସରେ କାଳିକାଦେବୀ ସାହିର ଆଶୁତୋଷ ସିଂ ଦୁର୍ଗାମେଢ, ବିକ୍ରମ ବେହେରା କାଳିମେଢ, ଅନିଲ ମହାପାତ୍ର ନାଗା ଏବଂ ହରଚଣ୍ଡୀ ସାହିର ଓମ୍‌କାର ପ୍ରତିହାରୀ ସହସ୍ର ଅର୍ଜୁନ, ସନ୍ତୋଷ ମହାପାତ୍ର ଦୁର୍ଗା ମେଢ ଓ ନରସିଂହ ପଣ୍ଡା ଦଶଭୁଜା ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଗୋଟିଏ ପରେ ଗୋଟିଏ ସାହିଯାତ ପ୍ରଦର୍ଶିତ ମେଢ ନୃତ୍ୟ ଶୀତୁଆ ସନ୍ଧ୍ୟାକୁ ମତୁଆଲା କରିଥିଲା। ପରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରେରିତ ସାଂସ୍କୃତିକ କାର୍ଯ୍ୟକ୍ରମ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ବିହୁ ଏବଂ ସ୍ଥାନୀୟ ରୂପା ଆଣ୍ଡ ଗ୍ରୁପ୍‌ର କଳାକାରମାନେ ଗୀତିନାଟ୍ୟ ପରିବେଷଣ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

# ନାବାଳିକା ଚାଲାଣ ଅଭିଯୋଗରେ ୩ଗିରଫ

ପୁରୀ ଅଫିସ, ୧୭।୧୨ :

ଜଣେ ନାବାଳିକାଙ୍କୁ ସୋମବାର ବାହାର ରାଜ୍ୟକୁ ଚାଲାଣ ବେଳେ ପୁରୀ ଆର୍‌ପିଏଫ ପୋଲିସ ଚଳନ୍ତା ଟ୍ରେନରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ୩ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକମାନେ ହେଲେ କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ସରୋଜ ଭୋଇ(୨୭), ପ୍ରମୋଦ ଭୋଇ(୨୯) ଏବଂ ସୁଧୀର ସ୍ୱାଇଁ(୧୯)। ଉଦ୍ଧାର ନାବାଳିକାଙ୍କୁ ମଙ୍ଗଳବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଥାନାଧିକାରୀ ସିଂ କୁହନ୍ତି, ସୋମବାର ସିସିଟିଭି ଫୁଟେଜ ଯାଞ୍ଚ ବେଳେ ୮ନମ୍ବର ପ୍ଲାଟଫର୍ମରେ ଜଣେ ନାବାଳିକା ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ଏବଂ ତାଙ୍କ ଉପରେ ଦୁଇ ଜଣ ଯୁବକ ନଜର ରଖିଥିବା ଦେଖି ଡ୍ୟୁଟିରେ ଥିବା ଷ୍ଟାଫଙ୍କୁ ସେମାନଙ୍କ ଉପରେ ନଜର ରଖିବା ଲାଗି ନିର୍ଦ୍ଦେଶ ଦେଇଥିଲି। ସେମାନେ ପୁରୀ–ଗାନ୍ଧୀଧାମ ଏକ୍ସପ୍ରେସ ଜେନେରାଲ ବଗିରେ ସଂପୃକ୍ତ ନାବାଳିକାଙ୍କୁ ନେଇ ଚଢିଥିଲେ। ତାଙ୍କ ପଛରେ ଅନ୍ୟ ଜଣ ଯୁବକ ଚଢ଼ିଥିଲେ। ଏହି ସମୟରେ ଆର୍‌ପିଏଫ୍ ପୋଲିସ ଟ୍ରେନରେ ଚଢି ସେମାନଙ୍କୁ ପଚରାଉଚୁରା ବେଳେ ସଂପୃକ୍ତ ଯୁବକମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ପରେ ସେମାନଙ୍କୁ ଥାନାକୁ ଅଣାଯାଇ ପଚରାଉଚୁରା କରାଯାଇଥିଲା। ନାବାଳିକା ନିଖୋଜ ନେଇ କେନ୍ଦ୍ରାପଡା ମର୍ଶାଘାଇ ଥାନାରେ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ୨୮୨/୧୯ରେ ମାମଲା ରୁଜୁ ହୋଇଥିବା ସେଠାକାର ଥାନାଧିକାରୀ ଜଣାଇଥିଲେ ବୋଲି ସିଂ କହିଛନ୍ତି। ଏହା ପରେ ନାବାଳିକାଙ୍କ ପରିବାରକୁ ଖବର ଦିଆଯାଇଥିଲା। ପରେ ପରିବାର ଲୋକେ ଓ ମାର୍ଶାଘାଇ ପୋଲିସ ପୁରୀରେ ପହଞ୍ଚି ନାବାଳିକା ଏବଂ ଅଭିଯୁକ୍ତଙ୍କୁ କେନ୍ଦ୍ରାପଡ଼ା ନେଇଥିଲେ।

■ ଶିଶୁଖାଦ୍ୟରେ ଅପମିଶ୍ରଣ ଅଭିଯୋଗ

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଯୁବ କଂଗ୍ରେସ

ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ




ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ପୁରୀ ଅଫିସ, ୧୭।୧୨:

ପୁରୀ ଜିଲାରେ ଶିଶୁମାନଙ୍କ ପାଇଁ ଦିଆଯାଉଥିବା ଛତୁଆ ଏବଂ ଶୁଖିଲା ଖାଦ୍ୟ ଅତ୍ୟନ୍ତ ନିମ୍ନମାନର। ଏଥିରେ ବ୍ୟାପକ ଅପମିଶ୍ରଣ ହେଉଛି। ଏହା ଆଦୌ ଖାଇବା ଉପଯୋଗୀ ନୁହେଁ। ଶିଶୁଖାଦ୍ୟରେ ଏଭଳି ଅପମିଶ୍ରଣ ହେଉଥିବା ଅଭିଯୋଗ କରି ମଙ୍ଗଳବାର ପୁରୀ ଜିଲା ଯୁବ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏଥିସହ ଜିଲାପାଳଙ୍କୁ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆ ନ ଗଲେ ବିଭିନ୍ନ ପ୍ରମାଣପତ୍ର ସହ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ଯୁବକଂଗ୍ରେସ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।

ଏଥିରେ ଦର୍ଶାଯାଇଛି ଯେ, ପୂର୍ବରୁ ଶୁଖିଲା ଖାଦ୍ୟ ଅର୍ଥାତ୍ ସୁଜି, ଚିନି, ବେସନ, ତେଲ ପୃଥକ୍ ପୃଥକ୍ ଭାବେ ଦିଆଯାଉଥିଲା। କିନ୍ତୁ ଏବେ ଏସବୁକୁ ମିଶାଇ କରି ଗୋଟିଏ ପ୍ୟାକେଟ କରି ଦିଆଯାଉଛି। ଏହାର ପ୍ରସ୍ତୁତି ତାରିଖ ହାତଲେଖା ଥିବାବେଳେ ଯେଉଁ ଜାଗାରେ ତିଆରି ହେଉଛି ତାହାର ଠିକଣା ଭୁଲ୍ ରହୁଛି। ଖାଦ୍ୟ ପ୍ୟାକେଟରେ ଦୁଇପ୍ରକାର ଓଜନ ଲେଖାଯାଉଥିବା ନେଇ ଯୁବ କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏହାସତ୍ତ୍ୱେ ଏଥିରେ କୌଣସି ପରିବର୍ତ୍ତନ ଅଣାଯାଉ ନାହିଁ ବୋଲି ଦର୍ଶାଯିବା ସହ ଜିଲାପାଳଙ୍କ ପାଖରେ ୫ ଦଫା ଦାବି ରଖିଛି ଯୁବ କଂଗ୍ରେସ। ୨୦୧୨ରୁ ଅଙ୍ଗନୱାଡି ଜିଲା ଅଫିସରେ ଜଣେ କର୍ମଚାରୀ ରହିଛନ୍ତି। ଛତୁଆ ପ୍ରସ୍ତୁତି ତାରିଖ କାହିଁକି ହାତରେ ଲେଖାଯାଉଛି, ବ୍ୟାଚ୍ ନମ୍ବର କ'ଣ ପାଇଁ ଲଗାଯାଉନି, ଓଜନ ଦୁଇ ପ୍ରକାର ଲେଖାଯିବାର ରହସ୍ୟ କ'ଣ ? ଛତୁଆ କ୍ଲଷ୍ଟରକୁ ସିଡିପିଓ ପରିଦର୍ଶନ କରିବା ସମୟରେ ବିଜେଡିର କେତେଜଣ ନାରୀନେତ୍ରୀ ସେଠାରେ କାହିଁକି ରହୁଛନ୍ତି ବୋଲି ଦାବିପତ୍ରରେ ଦର୍ଶାଯାଇଛି। ପୂର୍ବ ତିନି ମାସର ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ମାସକୁ ଥରେ ଛତୁଆ କ୍ଲଷ୍ଟରକୁ ଅନୁଧ୍ୟାନ କରାଯାଉ ବୋଲି ଦାବି କରିଛନ୍ତି। ଯୁବକଂଗ୍ରେସ ନେତା ଆଲୋକ ଦାଶଙ୍କ ନେତୃତ୍ୱରେ ଜିଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ମିଶ୍ର, ବସ୍ତି ନେତା ମନୋଜ ମଣ୍ଡଳ, ବିଧାନସଭା ଛାତ୍ର ସଭାପତି ଅନିଲ ପ୍ରଧାନ, ଆଦିତ୍ୟ କୁମାର, ରାଜୀବ ଗାନ୍ଧୀ ଫୋରମ ପୁରୀ ଜିଲା ସଭାପତି ଦେବାଶିଷ ଦଇତାପତି, ସୁସ୍ମିତା ବେହେରା, ସବିତା ମଲ୍ଲିକ, ପ୍ରିୟଦର୍ଶିନୀ ତରାଇ, ପ୍ରତୀକ ବେହେରା, ସନତ ରମ୍ଭୋଲା, ଆୟୁଷ ଦାଶ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉରେ ସାମିଲ ଥିଲେ।

■ ନାରୀ ସୁରକ୍ଷା ନେଇ ଏସ୍‌ପିଙ୍କୁ ଦାବିପତ୍ର

# ପୁରୀ ଜିଲାରେ କାର୍ଯ୍ୟ କରୁନି ମହିଳା, ଶିଶୁ ଡେସ୍କ

ପୁରୀ ଅଫିସ, ୧୭।୧୨ :




ଏସ୍‌ପିଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମିଶନ ଶକ୍ତି ମହାସଂଘର ସଦସ୍ୟାମାନେ।

ପୁରୀ ଜିଲା ମିଶନ ଶକ୍ତି ମହାସଂଘର ବିଭିନ୍ନ ବ୍ଲକର ଶତାଧିକ କର୍ମୀ ମଙ୍ଗଳବାର ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପୁରୀ ସହରରେ ନିକଟରେ ଜଣେ ନାବାଳିକା ପ୍ରତି ଗଣବଳାତ୍କାର, ସତ୍ୟବାଦୀରେ ଜଣେ ଯୁବତୀଙ୍କୁ ବଳାତ୍କାର ଘଟଣାରେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ପୁରୀ ଜିଲାରେ ଶିଶୁ ଓ ମହିଳାଙ୍କ ସୁରକ୍ଷା ଲାଗି ପ୍ରତ୍ୟେକ ଥାନାରେ ଶିଶୁ ଓ ମହିଳା ଡେକ୍ସ ରହିଛି। ତେବେ ଅଧିକାଂଶ ଥାନାରେ ଏହା କାର୍ଯ୍ୟକ୍ଷମ ହେଉନି। ଫଳରେ ନିର୍ଯାତିତ ମହିଳା ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ପୁରୀ ଜିଲାର ସମସ୍ତ ଥାନାରେ ଏହି ବ୍ୟବସ୍ଥାକୁ ସୁଦୃଢ଼ ଲାଗି ସଂଘ ଦାବି କରିଛି। କେତେଜଣ ବିକୃତ ମାନସିକ ବ୍ୟକ୍ତିଙ୍କ ଯୋଗୁ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳ ପୁରୀ ଏବଂ କୋଣାର୍କ ମାଟି ବିଶ୍ୱ ଦରବାରରେ ନିନ୍ଦିତ ହେଉଛି। ପୁରୀ ଏବଂ କୋଣାର୍କ ମେରାଇନ ଡ୍ରାଇଭ ରୋଡ୍‌ରେ ୨୪ ଘଣ୍ଟିଆ ପାଟ୍ରୋଲିଂ ସହ ନାରୀ ସୁରକ୍ଷା ଲାଗି ରହିଥିବା ଆଇନକୁ କଡ଼ାକଡ଼ି କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି।

### ହଷ୍ଟେଲ୍‌ରୁ ଛାତ୍ରଙ୍କୁ ଅପହରଣ ଅଭିଯୋଗ

ନିମାପଡ଼ା,୧୭।୧୨(ଡି.ଏନ୍.ଏ.):

ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଜୟଗୁରୁ ଆଶ୍ରମ ନିକଟରେ ଥିବା ଏକ ଘରୋଇ କୋଚିଂ ସେଣ୍ଟର୍‌ର ହଷ୍ଟେଲ୍‌ରୁ ଜଣେ ନାବାଳକ ଛାତ୍ରଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ନିମାପଡ଼ା ପୋଲିସ ୩୨୬/୧୯ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ନିଆଳି ଥାନା ଅଞ୍ଚଳର ଛାତ୍ର ଜଣଙ୍କ କୋଚିଂ ସେଣ୍ଟର୍ ହଷ୍ଟେଲ୍‌ରେ ରହି ଯୁକ୍ତ ଦୁଇ ପଢୁଥିଲେ। ସୋମବାର ସକାଳେ ଛାତ୍ର ଜଣକ ହଷ୍ଟେଲ୍‌ରୁ ନିଖୋଜ ହୋଇଯାଇଥିଲେ। ଏ ନେଇ ତାଙ୍କ ପରିବାରବର୍ଗ ଜାଣିବା ପରେ ହଷ୍ଟେଲ୍‌ରେ ପହଞ୍ଚିଥିଲେ। ତାଙ୍କୁ ଅପହରଣ କରାଯାଇଥିବା ଆଶଙ୍କା କରିଥିଲେ। ଏ ନେଇ ଶିକ୍ଷକ କୁହନ୍ତି, ଛାତ୍ର ଜଣକ କାହାକୁ କିଛି ନ କହିବା ସହ ରେଜିଷ୍ଟର୍‌ରେ ଦସ୍ତଖତ ନ କରି କେଉଁଆଡ଼େ ଲୁଚି ପଳାଇଛନ୍ତି। ପରିବାରବର୍ଗଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା।

# 'ଆନ୍ଦୋଳନ ଅମୂଳକ, ଦାବି ଯଥାର୍ଥ ନୁହଁ'

ନିମାପଡ଼ା,୧୭।୧୨(ଡି.ଏନ୍.ଏ.):

ନିମାପଡ଼ା ଦୁଗ୍ଧ ଶିତଳୀକରଣ କେନ୍ଦ୍ର ସମ୍ମୁଖରେ ଚାଲିଥିବା ଆନ୍ଦୋଳନ ଅମୂଳକ। ଦାବିଗୁଡ଼ିକ ଯଥାର୍ଥ ନୁହଁ। ନିଜକୁ ଦୁଗ୍ଧ ଚାଷୀର ପରିଚୟ ଦେଇ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଆନ୍ଦୋଳନ କରୁଛନ୍ତି। ନଡଣା ଛକସ୍ଥିତ ଓମ୍‌ଫେଡ ଟ୍ରେନିଂ ସେଣ୍ଟରଠାରେ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୁରୀ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ(ପୁମୁଲ୍)ର ପରିଚାଳନା ନିର୍ଦ୍ଦେଶକ ଡ. ସଞ୍ଜିବ କୁମାର ପତି, ଉପସଭାପତି ବିଜୟଲକ୍ଷ୍ମୀ ମିଶ୍ର, ପରିଚାଳନା ପରିଷଦ ସଭ୍ୟ ନିତ୍ୟାନନ୍ଦ ପାତ୍ର, କୃଷ୍ଣ ମୋହନ ଜେନା ପ୍ରମୁଖ ଯୋଗଦେଇ ଏହା କହିଛନ୍ତି। ଏହି ଆନ୍ଦୋଳନ ଯୋଗୁ ଦୈନିକ ପ୍ରାୟ ୨ହଜାର ଦୁଗ୍ଧ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ନିମାପଡ଼ା, ଗୋପ, କାକଟପୁର, ଅସ୍ତରଙ୍ଗ, ପିପିଲି, ବାଲିପାଟଣା, ବାଲିଅନ୍ତା ଆଦି ୭ଟି ବ୍ଲକର ୯ହଜାର ଦୁଗ୍ଧ ଚାଷୀଙ୍କ ଠାରୁ ପୁମୁଲ୍ ଦୈନିକ ୪୬ ହଜାର ଲିଟର କ୍ଷୀର ସଂଗ୍ରହ କରୁଛି। ଏହି ବ୍ଲକଗୁଡ଼ିକରେ ୪୭୫ଟି ଦୁଗ୍ଧ ସମବାୟ ସମିତି ରହିଛି। ଅଚଳ ହୋଇପଡ଼ିଥିବା ୧୫ଟି ଦୁଗ୍ଧ ସମବାୟ ସମିତିର ପୁନରୁଦ୍ଧାର ଲାଗି କାର୍ଯ୍ୟ ଚାଲିଛି। ଆସନ୍ତା ୨୦୨୦ ଏପ୍ରିଲ୍ ସୁଦ୍ଧା ୫୫ହଜାର ଲିଟର କ୍ଷୀର ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପୁମୁଲ୍‌ର କ୍ଷତି ହୋଇଥିବା ୧୪କୋଟି ଟଙ୍କାର ଅଡିଟ୍ ଖୁବ୍ ଶୀଘ୍ର କରାଯିବ। ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁମୁଲ୍ ମାଧ୍ୟମରେ ଦୁଗ୍ଧ ଚାଷୀମାନଙ୍କୁ ଲିଟର ପିଛା ୨ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିବା ଖବରଦାତା ସମ୍ମିଳନୀରେ ଡ. ପତି ସୂଚନା ଦେଇଛନ୍ତି। ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ସମସ୍ତ ଦୁଗ୍ଧ ଚାଷୀ, ଦୁଗ୍ଧ ସମବାୟ ସମିତିର କର୍ମକର୍ତ୍ତାମାନେ ଗୁରୁତ୍ୱ ଦେବାକୁ ପୁମୁଲ ପକ୍ଷରୁ ନିବେଦନ କରାଯାଇଛି।

# ପଞ୍ଚାୟତ ସମିତି ବୈଠକରେ ହୋହଲ୍ଲା

ବ୍ରହ୍ମଗିରି,୧୭।୧୨(ଡି.ଏନ.ଏ.)

ବ୍ରହ୍ମଗିରି ବ୍ଲକରେ ମଙ୍ଗଳବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୧୪ ମାସ ପରେ ଏହି ବୈଠକ ହେଉଥିବାରୁ ବିଭିନ୍ନ ପ୍ରସଙ୍ଗ ଆଲୋଚନା ଚାଲିଥିବାବେଳେ ହଠାତ କେତୋଟି ବିଷୟକୁ ନେଇ ସଭାଗୃହରେ ହୋହଲ୍ଲା ହୋଇଥିଲା। ଏହା ତୀବ୍ର ଧରଣର ହେବାରୁ ବୈଠକ ଅଧାରୁ ବନ୍ଦ ହୋଇଯାଇଥିଲା। ସୂଚନାଯୋଗ୍ୟ, ବିଭିନ୍ନ ସମସ୍ୟାକୁ ନେଇ ଗତ ୧୪ମାସ ହେବ ବୈଠକ ପାଇଁ ଆଲୋଚନା ହେଉଥିଲେ ମଧ୍ୟ ବୈଠକ ହୋଇପାରୁ ନ ଥିଲା। ଶେଷରେ ମଙ୍ଗଳବାର ବ୍ଲକ୍ ପରିସରରେ ବୈଠକ ହୋଇଥିବାବେଳେ ଏଥିରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଉପସ୍ଥିତ ଥିଲେ। ଏତେ ଦିନ ପରେ ବୈଠକ ହୋଇଥିବାରୁ ଗଣ୍ଡଗୋଳର ଆଶଙ୍କା ନେଇ ପୋଲିସ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ଏପରିକି ସାଧାରଣ ଲୋକଙ୍କୁ ବ୍ଲକ୍‌କୁ ଛଡାଯାଉ ନ ଥିଲା। ଫନୀ ବାତ୍ୟାର ୭ ମାସ ପରେ ହିତାଧିକାରୀଙ୍କୁ ସହାୟତା ମିଳି ନ ଥିବା ନେଇ ପ୍ରଥମେ ଅଭିଯୋଗ ଉଠିଥିଲା। ପୁନଃ ଯାଞ୍ଚ ପ୍ରକ୍ରିୟା କରାଯିବା ନେଇ ଅଯୋଗ୍ୟ ହିତାଧିକାରୀଙ୍କ ଯୋଗୁ ଯୋଗ୍ୟ ହିତାଧିକାରୀଙ୍କର ମଧ୍ୟ ଜମାଖାତାକୁ ବ୍ୟାଙ୍କ ଅକାମୀ କରିଥିଲା। ଏ ଘଟଣାରେ ବିଧାୟକ ମହାପାତ୍ରଙ୍କୁ ଦାୟୀ କରି ବ୍ଲକ ପରିସରରେ ରଣକ୍ଷେତ୍ର ସୃଷ୍ଟି ହେବା ଭଳି ଘଟଣା ଘଟିଥିଲା। ଏହାସହ କେତେକ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧିମାନେ ହାତରେ ପ୍ଲାକାର୍ଡ ଧରି ବିଧାୟକଙ୍କ ବିରୋଧରେ ନାରା ଦେଇଥିଲେ। ଅନ୍ୟପକ୍ଷରେ ହିତାଧିକାରୀଙ୍କୁ ଫନୀ ସହାୟତା ଯୋଗାଇ ଦେବା ପାଇଁ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ସମ୍ପର୍କୀୟ ଲୋକଙ୍କୁ ଟଙ୍କା ଲାଞ୍ଚ ମାଗିଥିବା ଜଣେ ଜନ ପ୍ରତିନିଧି ମୋବାଇଲ୍‌ରେ ରଖିଥିବା ରେକର୍ଡିଂ ଶୁଣାଇଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଯିବାରୁ ବୈଠକ ବାତିଲ କରି ଦିଆଯାଇଥିଲା।

# ଶ୍ରୀମନ୍ଦିର ସୁରକ୍ଷା ଜୋନ
# ଭଙ୍ଗାହେଲା ତିନିମହଲା କୋଠା

■୧୨ ଡେସିମିଲ ଜାଗା ଦଖଲକୁ ନେଲା ପ୍ରଶାସନ

■ଆଜି ଗଡ଼ନ୍ତି ଛକରେ ହେବ ଉଚ୍ଛେଦ

ପୁରୀ ଅଫିସ, ୧୭।୧୨:



ତିନିମହଲା କୋଠାକୁ ଉଚ୍ଛେଦ କରାଯାଉଛି।

ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଚୌହଦୀରୁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ୭୫ ମିଟର ଭିତରେ ଥିବା ମଠ ଏବଂ ବ୍ୟକ୍ତିଗତ ଘର ଭଙ୍ଗାଯାଉଛି। କିଛିଦିନ ଧରି ମଙ୍ଗୁମଠ ଏବଂ ସାନଛତା ମଠ ଉଚ୍ଛେଦ କରିବା ପରେ ଏବେ ଘରୋଇ କୋଠା ଭଙ୍ଗା ଚାଲିଛି। ଦୋଳବେଦି କୋଣରେ ଥିବା ତିନିମହଲା ବିଶିଷ୍ଟ ଏକ ବ୍ୟବସାୟିକ କୋଠାର ଉଚ୍ଛେଦ କାର୍ଯ୍ୟ ସୋମବାର ଶେଷହେବା ପରେ ମଙ୍ଗଳବାର ପୁଣି ଘରୋଇ କୋଠା ଭଙ୍ଗାଯାଇଛି। ଶ୍ରୀମନ୍ଦିର ଦକ୍ଷିଣ–ପଶ୍ଚିମ ପାର୍ଶ୍ୱ ଗାଣ୍ଡୁଆ ଚଉରା ଛକଠାରେ ଥିବା ଏକ ତିନିମହଲା ଘରୋଇ କୋଠାକୁ ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶାଇ ଦିଆଯାଇଛି। ଏହି କୋଠାକୁ ଲଜ୍ ଭାବେ ବ୍ୟବହାର କରାଯାଉଥିଲା। ବୁଧବାର ଗଡ଼ନ୍ତି ଛକଠାରେ ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ସକାଳେ ୮ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ୫ ଜଣ ମାଜିଷ୍ଟ୍ରେଟ ୪ଟି ବୁଲ୍‌ଡୋଜର ଏବଂ ଜେସିବି ସହିତ ଗାଣ୍ଡୁଆ ଚଉରା ଛକଠାରେ ପହଞ୍ଚିଥିଲେ। ବାସେଳିସାହି ମୌଜାର ଦୁଇଟି ପ୍ଲଟ୍ ଉପରେ ଥିବା ଏହି କୋଠାକୁ ଖାଲି କରାଯାଇଥିଲା। ୧୨ ଡେସିମିଲ ଜାଗା ଉପରେ ଏହି ତିନିମହଲା କୋଠାକୁ ବ୍ୟାରିକେଡିଂ କରାଯାଇ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉପଜିଲାପାଳ ଭବତାରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଭଙ୍ଗା ଯାଇଥିଲା। ଅନ୍ୟପକ୍ଷରେ ପୂର୍ବରୁ ଭଙ୍ଗାଯାଇଥିବା ମଙ୍ଗୁମଠ ଏବଂ ସାନଛତା ମଠ ଭଗ୍ନାବଶେଷକୁ ସ୍ଥାନାନ୍ତର କରାଯାଇ ମଙ୍ଗଳବାର ଏହାକୁ ସମତୁଲ କରାଯାଉଥିଲା। ମଙ୍ଗୁମଠ ଉଚ୍ଛେଦ ସ୍ଥଳରେ ଟାଇଲ ବିଛାଯିବା ପାଇଁ ବାଲି ପକାଯାଇ ସମତଳ ଚାଲିଥିବା ବେଳେ ଟାଇଲ ଆସି ଗଦା ହୋଇଛି। ସେପଟେ ଜମି କିଣା ପ୍ରକ୍ରିୟା ବି ଜାରି ରହିଛି। ସୁରକ୍ଷା ଜୋନ ମଧ୍ୟରେ ସମୁଦାୟ ୧୭୮ଟି ଘରୋଇ ପ୍ଲଟ୍ ମଧ୍ୟରୁ ପ୍ରାୟ ୮୫ ପ୍ରତିଶତ ପ୍ଲଟ୍‌ର ବିକ୍ରି କବଲା ଶେଷ ହୋଇଛି। ବଳକା ୧୫ ପ୍ରତିଶତ ପ୍ଲଟ୍‌କୁ ନେଇ କେତେକ ପରିବାରର କୋର୍ଟ ସମସ୍ୟା ଏବଂ ଅନ୍ୟ କିଛି ବ୍ୟକ୍ତିଗତ ସମସ୍ୟା ରହିଛି। ଖୁବ୍ ଶୀଘ୍ର ଏହି ପ୍ଲଟ୍‌ଗୁଡ଼ିକର ସେଲ୍‌ଡିଡ୍ କରାଯିବ ବୋଲି ପ୍ରଶାସନ ଆଶାବାଦୀ ଅଛି। ଉଚ୍ଛେଦ ସମ୍ପର୍କରେ ଉପଜିଲାପାଳ ସାହୁ କହିଛନ୍ତି, ଉଚ୍ଛେଦ ପରେ ଘର ମାଲିକଙ୍କୁ ଆବଶ୍ୟକ କ୍ଷତିପୂରଣ ସହାୟତା ପ୍ରଦାନ କରାଯାଇ ଏହି ପ୍ଲଟ୍ କିଣାଯାଇଥିଲା। ଏହାକୁ ପ୍ରଶାସନ ଦଖଲକୁ ନେଇଛି। ଉଚ୍ଛେଦ ବେଳେ ଯେପରି ଲୋକଙ୍କ ଯା'ଆସରେ କୌଣସି ସମସ୍ୟା ନ ହୁଏ ତାହାକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବୁଧବାର ଗଡ଼ନ୍ତି ଛକରେ ଉଚ୍ଛେଦ କରାଯିବ। ଅନ୍ୟପକ୍ଷରେ ଜମି ବିକ୍ରି କରିଥିବା ଲୋକମାନଙ୍କ ମଧ୍ୟରେ ଅନେକ ଘର ଖାଲି କରିସାରିଲେଣି। ପର୍ଯ୍ୟାୟକ୍ରମେ ଉଚ୍ଛେଦ କରାଯାଇ ସେହି ଜାଗା ଦଖଲକୁ ନିଆଯିବ ବୋଲି ଉପଜିଲାପାଳ କହିଛନ୍ତି।